

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୦ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 DECEMBER 2023

Vol.No. 34 ■ No. 342 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଚଳଚଞ୍ଚଳ ଆଯୋଧା ନଗରୀ

## ଆଜି ମୋଦୀଙ୍କ ଗସ୍ତ : ସୁରକ୍ଷା ବ୍ୟବସ୍ଥା କଡ଼ାକଡି



ନୂଆଦିଲ୍ଲୀ, ୨୯/୧୨ : ଆଉ କିଛି ଦିନରେ ଅଯୋଧାରେ ଭବ୍ୟ ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ହେବ । ଏହା ଭିତରେ ବଡ ଖବର ସାମ୍ନାକୁ ଆସୁଛି । ଅଯୋଧାର ୭୦ ଏକରବିଶିଷ୍ଟ ସ୍ଥାନରେ ନିର୍ମାଣ ହେଉଥିବା ରାମ ମନ୍ଦିରର ଗର୍ଭଗୃହରେ ଭକ୍ତ ଦେଖିବାକୁ ପାଇବେନି ମାଆ ସୀତାଙ୍କୁ । ଗର୍ଭଗୃହରେ ବିରାଜମାନ କରିବେ ଭଗବାନ ରାମଲାଲା । ୫ ବର୍ଷର ବାଳକ ରୂପରେ ରାମଲଲାଙ୍କ ପ୍ରତିମା ସ୍ଥାନ ପାଇବ । ଏହା ଶ୍ରୀରାମଙ୍କ ବାଳକ ରୂପ ହୋଇଥିବାରୁ ମୁଖ୍ୟମନ୍ଦିର ଗର୍ଭଗୃହରେ ମାଆ ସୀତାଙ୍କର କୌଣସି ପ୍ରତିମୂର୍ତି ସ୍ଥାପନ କରାଯିବ ନାହିଁ । ଏନେଇ ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ସେପଟେ ଅଯୋଧାରେ ରାମ ମନ୍ଦିରରେ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ କେଉଁର୍ ମୂତି ପୂଜା ପାଇବେ ଏନେଇ ଶୁକ୍ରବାର ମତଦାନ ହେବ । ୨୨ ତାରିଖ ପ୍ରାଣପ୍ରତିଷ୍ଠା ଥିବାରୁ ମୂର୍ତି ଚୟନ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସହ ମତଦାନ କରାଯାଉଛି । ଅଯୋଧାରେ ଏନେଇ ଶ୍ରରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟରେ ବୈଠକ କରାଯାଇ ମତଦାନ କରାଯିବ । ବାଳୁତ ରାମଙ୍କ ୫୧ ଇଂଚ ଉଚ୍ଚତାର ୩ଟି ମୂର୍ତି ନିର୍ମାଣ କରାଯାଇଛି । ଶନିବାର ଅଯୋଧା ପାଇଁ ବେଶ ଖାସ ଦିନ ହେବାକୁ ଯାଉଛି । ନବନିର୍ମିତ ଅର୍ନ୍ତଜାତୀୟ ବିମାନବନ୍ଦର ସହ ପୁର୍ନନିର୍ମାଣ କରାଯାଇଥିବା ବିଶାଳ ରେଳଷ୍ଟେସନର ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ମୋଦୀ । ଏନେଇ ସବୁ ପ୍ରସ୍ତୁତି ଶେଷ ହୋଇଛି । ସହରକୁ ବିଭିନ୍ନ ଫୁଲରେ ସଜା ଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ଅଯୋଧାର ପହଁଛି ସ୍ଥିତି ସମୀକ୍ଷା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଶନିବାର ଅଯୋଧା ପାଇଁ ୧୫ହଜାର କୋଟିର ବିଭିନ୍ନ ଯୋଜନା ଘୋଷଣା କରିବେ ପ୍ରଧାନମନ୍ତ୍ରୀ । ସେପଟେ ଅଯୋଧା ରାମମନ୍ଦିରରେ ପ୍ରଭୁ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ନେଇ ଏବେ ଯୁଦ୍ଧକାଳୀନ ଭିତିରେ ପ୍ରସ୍ତୁତି ଚାଲିଛି । ବିଶ୍ୱବ୍ୟାପୀ ରାମଭକ୍ତ ରାମ ମନ୍ଦିରର ଉଦ୍ଘାଟନ ନେଇ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି । ଏହି କ୍ରମରେ ଉଦ୍ଘାଟନ ଉତ୍ସବକୁ ନେଇ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି ।

# ନୂଆବର୍ଷରୁ ନୂଆ ନିୟମ: ଏସି ଟନେଲରେ ଶ୍ରୀମନ୍ଦିର ଯିବେ ଶ୍ରଦ୍ଧାଳୁ



ପୁରୀ, ୨୯/୧୨ (ନି.ପ୍ର): ନୂଆବର୍ଷରୁ ନୂଆ ଢାଞ୍ଚା । ହଟିଯିବ ପୁରୁଣା ବ୍ୟାରିକେଡ୍ । ଏସି ଟନେଲରେ ରହିବ ସେଡ୍ । ଜାନୁଆରୀ ପହିଲାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଲାଗୁ ହେବାକୁ ଯାଉଛି ସଂପୂର୍ଣ୍ଣ ନୂଆ ଦର୍ଶନ ପ୍ରଣାଳୀ । ବ୍ୟବସ୍ଥା ଅନୁଯାୟୀ, ବଡ଼ଦାଣ୍ଡ ଦେଇ ଆସୁଥିବା ଭକ୍ତ ମରିଚିକୋଟ୍ ଛକରୁ ସିଧା ଶୀତତାପ ନିୟନ୍ତ୍ରିତ ଟନେଲ ବ୍ୟାରିକେଡରେ ପ୍ରବେଶ କରିବେ । ସେଠୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଦେଇ ନବନିର୍ମିତ ସେଡ୍‌ରେ ସିଂହଦ୍ୱାର ଯାଏଁ ଯିବେ । ଯଦି ସେତେବେଳେ ଠାକୁରଙ୍କ ନୀତିକାନ୍ତି ଚାଲୁଥିବ, ତାହାଲେ ଭକ୍ତମାନେ ବ୍ୟାରିକେଡ ଭିତରେ ରହିବେ । ସେହି ସମୟରେ ଯେପରି କୌଣସି ପ୍ରକାର ଅସୁବିଧାରେ ନହେବ, ସେଥିପାଇଁ ହୋଇଛି ପର୍ଯ୍ୟାପ୍ତ ବ୍ୟବସ୍ଥା । ଟନେଲ୍ ଭିତରେ ଏସି ଲାଗିଛି । ଅସ୍ଥାୟୀ ଟୟଲେଟ ଓ ପିଇବା ପାଣିର ସୁବିଧା କରାଯାଉଛି । ତା'ସହ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେବା ଯନ୍ତ୍ରଣାରୁ ମୁକ୍ତି ଦେବାକୁ ବ୍ୟାରିକେଡ ସଲଗ୍ନ ▶▶ପୃଷ୍ଠା ୭

# ୬ ଆଇପିଏସ୍‌ଙ୍କୁ ଡିଆଇଜି ଭାବେ ପଦୋନ୍ନତି




ଭୁବନେଶ୍ୱର, ୨୯ /୧୨ (ନି.ପ୍ର): ରାଜ୍ୟ ସରକାର ଆଜି ୬ ଜଣ ଆଇପିଏସ୍ ଅଫିସରଙ୍କୁ ପଦୋନ୍ନତି ଦେଇଛନ୍ତି । ସେମାନେ ଡିଆଇଜି ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । ଏହି ସମସ୍ତ ଆଇପିଏସ୍ ଅଫିସର ହେଉଛନ୍ତି ୨୦୧୦ ବ୍ୟାଚ୍‌ର । ଡିଆଇଜି ଭାବେ ପଦୋନ୍ନତି ପାଇଥିବା ଆଇପିଏସ୍ ଅଫିସରମାନେ ହେଉଛନ୍ତି- ମିତ୍ରଭାନୁ ମହାପାତ୍ର, ସାରା ଶର୍ମା, କନୱର ବିଶାଲ ସିଂ, ଆଶିଷ କୁମାର ସିଂହ, ପାରୁଲ ଗୁପ୍ତା ଓ ଶିବା ସୁବ୍ରମଣି । ଏହି ୬ ଜଣଙ୍କ ମଧ୍ୟରୁ ଆଶିଷ କୁମାର ସିଂହ, ପାରୁଲ ଗୁପ୍ତା ଓ ଶିବା ସୁବ୍ରମଣି ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ।

# ହାଇଟେକ୍ ହସ୍ପିଟାଲ୍‌ରେ ବିସ୍ଫୋରଣ: ଏକାଧିକ ଆହତ

ଭୁବନେଶ୍ୱର, ୨୯ /୧୨ (ନି.ପ୍ର): ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ୍‌ରେ ବିସ୍ଫୋରଣ । ହସ୍ପିଟାଲ ତୃତୀୟ ମହଲାରେ ଏସି ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ହୋଇଥିଲା । ଏଥିରେ ୩ରୁ ୪ ଜଣ ଆହତ ହୋଇଛନ୍ତି । ବର୍ତ୍ତମାନ ନିଆଁ ଆୟତ୍ତରେ ଥିବା ମେଡ଼ିକାଲ୍ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି । ମେଡ଼ିକାଲ୍‌ର ତୃତୀୟ ମହଲାରେ କନ୍‌ଷ୍ଟ୍ରକ୍‌ସନ୍ କାମ ଚାଲିଥିଲା । ଆଜି ସନ୍ଧ୍ୟା ବେଳେ ଏସି ଗ୍ୟାସ୍ ଫିଲିଂ କରାଯାଉଥିବା ବେଳେ ବିସ୍ଫୋରଣ ହୋଇଥିଲା । ଯେଉଁଥିପାଇଁ ନିଆଁ ବ୍ୟାପି ଯାଇଥିଲା । ମେଡ଼ିକାଲ୍ ପକ୍ଷରୁ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରାଯାଇଥିଲା । ତେବେ ଉଦ୍ଧାର କାର୍ଯ୍ୟ ବେଳେ ୩ରୁ ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ସେହି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି ।

# ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ବଢ଼ିଲା



ଭୁବନେଶ୍ୱର, ୨୯ /୧୨ (ନି.ପ୍ର): ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ବଢ଼ାଇ ଦେଇଛନ୍ତି । ତାଙ୍କ କାର୍ଯ୍ୟକାଳକୁ ସରକାର ୬ ମାସ ବଢ଼ାଇ ଦେଇଛନ୍ତି । ଫଳରେ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ । ସୂଚନାଯୋଗ୍ୟ, ଆସନ୍ତା ୩୧ ତାରିଖରେ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ସରିବାର ଥିଲା । ଗତ ମାର୍ଚ୍ଚ ୧ ତାରିଖରେ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା । ସେ ହେଉଛନ୍ତି ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର । ପ୍ରାଶାସନିକ ଦକ୍ଷତା ପାଇଁ ସେ ପରିଚିତ । ୧୯୬୪ ମସିହା ଜାନୁଆରୀ ୧ରେ ଢେଙ୍କାନାଳରେ ଜନ୍ମ ଗ୍ରହଣ କରିଥିବା ପ୍ରଦୀପ କୁମାର ଜେନା ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ କ୍ୟାରିୟର ଆରମ୍ଭ କରି ପରେ କଳାହାଣ୍ଡିର ଜିଲ୍ଲାପାଳ ହୋଇଥିଲେ । ଶ୍ରୀ ଜେନା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଆଇଟି ବିଭାଗର ସଚିବ ଭାବେ କାର୍ଯ୍ୟ କରିଥିଲେ । ମହାବାତ୍ୟା ସମୟରେ କଟକର ଜିଲ୍ଲାପାଳ ଥିବାବେଳେ ସେ ନିଜର ଦକ୍ଷତା ଓ କାର୍ଯ୍ୟ ମାଧ୍ୟମରେ 'ଲୋକଙ୍କ ଜିଲ୍ଲାପାଳ' ଭାବେ ପରିଚିତ ହୋଇଥିଲେ ।

# ଶିମିଳିପାଳ ପାଇଁ ଆସିଲା ସ୍ୱତନ୍ତ୍ର ଗାଡ଼ି

ମୟୂରଭଂଜ, ୨୯/୧୨ (ନି.ପ୍ର): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ସୁରକ୍ଷାରେ ମୁତୟନ ହେଲା ୧୪ କଷ୍ଟମାଇଜଡ ଅଲ୍ ୱେଦର ଅଲ୍ ରୋଡ ବୋଲେରୋ କ୍ୟାମ୍ପର । ଅଲିଭ ଗ୍ରୀନ୍ ରଙ୍ଗର ଏସବୁ ଗାଡ଼ିକୁ ସ୍ୱତନ୍ତ୍ର ଭାବେ ଶିମିଳିପାଳ ପାଇଁ ଡିଜାଇନ କରାଯାଇଛି । ଏହି ଗାଡ଼ି ଗୁଡ଼ିକରେ ରିମୋଟ କଣ୍ଟ୍ରୋଲ ସର୍ଚ୍ଚ ଲାଇଟ୍ ଖଞ୍ଜାଯାଇଛି । ଯାହାକି ରାତି ସମୟରେ ସବୁ ଦିଗକୁ ଦେଖି ପାରିବ । ଏମିତିକି ଏସବୁ ଯାନରେ ଥିବା ୱିଞ୍ଚ ବର୍ଷା ଋତୁରେ ରେସକ୍ୟୁ ଅପରେସନରେ ବେଶ ସହାୟକ ହେବ । ନନ୍ଦନକାନନ ପ୍ରତିଷ୍ଠା ଦିବସ ▶▶ପୃଷ୍ଠା ୭

# ସରକାରଙ୍କ ସହିତ ଶାନ୍ତିଚୁକ୍ତି ସ୍ୱାକ୍ଷର କଲା ଉଲଫା




ନୂଆଦିଲ୍ଲୀ, ୨୯/୧୨ : ବିଚ୍ଛିନ୍ନତାବାଦୀ ସଂଗଠନ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ଆସୋମ ବା ଟଖରଇ, କେନ୍ଦ୍ର ସରକାର ଓ ଆସାମ ସରକାରଙ୍କ ମଧ୍ୟରେ ଶୁକ୍ରବାର ଦିଲ୍ଲୀରେ ତ୍ରିପାକ୍ଷିକ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହା ସହିତ ଉତ୍ତରପୂର୍ବାଞ୍ଚଳରେ ଏକ ବଡ଼ ବିଦ୍ରୋହୀ ▶▶ପୃଷ୍ଠା ୭

# ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଫୋକସ୍‌ରେ ଓଡିଶା

## ପ୍ରତି ବୁଥରୁ ୫୦ ପ୍ରତିଶତ ଭୋଟ ପାଇଁ ବ୍ଲୁ ପ୍ରିଂଟ



ନୂଆଦିଲ୍ଲୀ, ୨୯/୧୨ : ଓଡ଼ିଶାରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ । ପ୍ରତି ବୁଥରୁ ୫୦ପ୍ରତିଶତରୁ ଅଧିକ ଭୋଟ୍ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବ ବିଜେପି । ଏପରି ରଣନୀତି ନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସହପ୍ରଭାରୀ ବିଜୟପାଲ ସିଂ ତୋମାର । ଓଡ଼ିଶା ଗସ୍ତରେ ଆସିଛନ୍ତି ବିଜେପି ରାଷ୍ଟ୍ରୀୟ ସଂଗଠନ ମହାସଚିବ ବିଏଲ ସନ୍ତୋଷ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଓ ରାଜ୍ୟ ବିଜେପି ସହପ୍ରଭାରୀ ବିଜୟପାଲ ସିଂ ତୋମାର । ଆଜି ବିଜେପିର ସମନ୍ୱୟ କମିଟି ବୈଠକ ବସିବାକୁ ଥିବା ବେଳେ ଆସନ୍ତାକାଲି ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ଜିଲ୍ଲା ପ୍ରଭାରୀଙ୍କ ବୈଠକ ହେବ । ସେହିପରି ରବିବାର ସଂଯୁକ୍ତ ମୋର୍ଚ୍ଚା ବୈଠକ ହେବା ନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସହପ୍ରଭାରୀ ବିଜୟପାଲ ସିଂ ତୋମାର । ବିଜେପି ସବୁବେଳେ ପ୍ରସ୍ତୁତ ଅଛି ଏବଂ ରାଷ୍ଟ୍ରୀୟ ପଦାଧୀକାରୀ ବୈଠକରେ ହୋଇଥିବା ନିଷ୍ପତି ଗ୍ରାଉଣ୍ଡରେ ପହଂଚାଇବା ପାଇଁ ଯୋଜନା ପ୍ରସ୍ତୁତ ହେବ । ଏହାସହ ପ୍ରତି ବୁଥରୁ ୫୦ପ୍ରତିଶତରୁ ଅଧିକ ଭୋଟ୍ ପାଇଁ ବିଜେପି ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସହପ୍ରଭାରୀ ବିଜୟପାଲ ସିଂ ତୋମାର ।

# ବିହାର ରାଜନୀତିରେ ବଡ ହଲଚଲ

## ଜେଡିୟୁ ରାଷ୍ଟ୍ରୀୟ ଅଧକ୍ଷ ପଦରୁ ଲଲନ ସିଂଙ୍କ ଇସ୍ତଫା, ନୀତୀଶ ହେଲେ ନୂଆ ଅଧକ୍ଷ



ବିହାର, ୨୯/୧୨ : ବିହାର ରାଜନୀତିରେ ବଡ ହଲଚଲ । ସବୁ ଚର୍ଚ୍ଚାରେ ପୂର୍ଣ୍ଣଛେଦ ପକାଇ ଶେଷରେ ଜେଡିୟୁ ରାଷ୍ଟ୍ରୀୟ ଅଧକ୍ଷ ପଦରୁ ଲଲନ ସିଂଙ୍କ ଇସ୍ତଫା ଦେଇଛନ୍ତି । ଅନ୍ୟପଟେ ନୀତୀଶ କୁମାରଙ୍କୁ ନୂଆ ଅଧକ୍ଷ ଦାୟିତ୍ୱ ଦିଆଯାଇଛି । ବିହାର ରାଜନୀତିର ଏହି ବଡ ପରିବର୍ତନ ଉପରେ ବିଜେପି ପ୍ରତିକ୍ରିୟା ରଖିଛି । ଦଳ କହିଛି ଲାଲୁଙ୍କ ଚକ୍ରବ୍ୟୁହରେ ଫସିଛନ୍ତି ନୀତୀଶ ଓ ଆଗକୁ ବିହାର ମୁଖ୍ୟମନ୍ତ୍ରୀ ହେବେ ତେଜସ୍ୱୀ ଯାଦବ । ସାଧାରଣ ନିର୍ବାଚନ ପୂର୍ବରୁ ବିହାର ରାଜନୀତିରେ ହଲଚଲ ଦେଖିବାକୁ ମିଳିଛି । ରାଜ୍ୟର ପ୍ରମୁଖ ଆଂଚଳିକ ଦଳ ଜେଡିୟୁରେ ହଠାତ ଏକ ବଡ ପରିବର୍ତନ ଏଣିକି ଜାତୀୟ ରାଜନୀତିର ପ୍ରମୁଖ ଖବର ପାଲଟିଛି । ସବୁ ଚର୍ଚ୍ଚାରରେ ବିରାମ ଲଗାଇ ଶେଷରେ ଜେଡିୟୁ ରାଷ୍ଟ୍ରୀୟ ଅଧକ୍ଷ ପଦରୁ ଲଲନ ସିଂ ଇସ୍ତଫା ଦେଇଛନ୍ତି । ଗୁରୁବାର ସଂଧ୍ୟା ପର୍ଯ୍ୟନ୍ତ ସବୁ କିଛି ଠିକ ଚାଲିଥିବାବେଳେ ଶୁକ୍ରବାର ଲଲନ ସିଂ ଅଧକ୍ଷ ପଦ ଛାଡିଛନ୍ତି । ଦିଲ୍ଲୀରେ ବସିଥିବା ଜେଡିୟୁ କାର୍ଯ୍ୟକାରିଣୀ ବୈଠକରେ ସେ ଇସ୍ତଫା ଦେଇଛନ୍ତି । ସେପଟେ ଦଳର ନୂଆ ଅଧକ୍ଷ ହୋଇଛନ୍ତି ନୀତୀଶ କୁମାର । ସେପଟେ ଦାୟିତ୍ୱ ଛାଡିବା ପରେ ଲଲନ ସିଂଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ଲଲନ ସିଂ କହିଛନ୍ତି ଲୋକସଭା ନିର୍ବାଚନ ପାଇଁ ତୃଣମୁଳସ୍ତରରେ କାମ କରିବା ପାଇଁ ପଦ ଛାଡିଛନ୍ତି । ନୀତୀଶ ଓ ଲଲନଙ୍କ ମଧ୍ୟରେ ଦୀର୍ଘଦିନ ମତପାର୍ଥକ୍ୟ ପଛରେ ଆରଜେଡିର ଭୂମିକା ରହିଥିବା କୁହଯାଉଛି । ▶▶ପୃଷ୍ଠା ୭

# ଦେଶରେ ବଢୁଛି କରୋନା ଦୈନିକ ସଂକ୍ରମଣ: ଦିନକରେ ୭୯୭ ସଂକ୍ରମିତ ଚିହ୍ନଟ, ୫ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୨୯/୧୨ : ଦିନ ଯେତିକ ଗଡୁଛି ସେତିକ ବଢୁଛି ଭୟ । ଗତ ୨୪ ଘଂଟାରେ ଦେଶରୁ ୭୯୭ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗୁରୁବାର ୭୦୨ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ୮ଶହ ପାଖରେ ପହଁଚିଛି ଦୈନିକ ସଂକ୍ରମଣ । ୨୨୫ ଦିନରେ ଏହା ସବୁଠୁ ଅଧିକ ସଂକ୍ରମଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ତେବେ ସଂକ୍ରମିତଙ୍କ ମଧ୍ୟରେ ୧୫୭ଜଣ ଓମିକ୍ରନ ସବ୍ ଭ୍ୟାରିଆଂଟ 'ଜେଏନ ଡଟ ୱାନ'ରେ ସଂକ୍ରମିତ ହୋଇଥିବା ସୂଚନା ରହିଛି । ୫ଜଣ ମୃତକଙ୍କ ମଧ୍ୟରେ ଦୁଇଜଣ କେରଳର । ମହାରାଷ୍ଟ୍ର, ପୁଡୁଚେରୀ ଓ ତାମିଲନାଡୁରୁ ଜଣେ ଲେଖାଏଁ ରହିଛନ୍ତି । ପ୍ରତିଥର ପରି ଏଥରକ ମଧ ସବଠୁ ଅଧିକ ସଂକ୍ରମିତ ▶▶ପୃଷ୍ଠା ୭

## ପରିକ୍ରମା ପ୍ରକଳ୍ପ ନିମନ୍ତ୍ରଣ ପତ୍ର ପ୍ରଦାନ

ପୁରୀ , ୨୯/୧୨ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ଲୋକାର୍ପଣ ପାଇଁ ନିମନ୍ତ୍ରଣ ପତ୍ର ବିଭିନ୍ନ ମନ୍ଦିର ମାନଙ୍କୁ ପ୍ରେରଣ କରାଯାଉଛି। ଆଜି ତ୍ରିଚିନ୍ନାପଲ୍ଲୀର ଶ୍ରୀ ରଙ୍ଗନାଥ ସ୍ୱାମୀ ମନ୍ଦିର, ବିଶାଖାପାଟଣା ସୀମାଂଚଳମ ମନ୍ଦିର, ଜଗନ୍ନାଥ ମନ୍ଦିର, ଦିଲ୍ଲୀର ଜଗନ୍ନାଥ ମନ୍ଦିର, ବିହାର ଗୟାଧାମ ବିଷ୍ଣୁପଦ ମନ୍ଦିର, ନାସିକର ତ୍ରୟମ୍ବକେଶ୍ୱର ମନ୍ଦିର, ଗୁଜରାଟର ନାଗେଶ୍ୱର ଜ୍ୟୋର୍ତିଲିଙ୍ଗ ମନ୍ଦିର , କେରଳର ଗୁରୁବାୟୁର ମନ୍ଦିର, ଦକ୍ଷିଣେଶ୍ୱର କାଳୀ ମନ୍ଦିର କୋଲକାତା, ଶ୍ରୀ ଶନୈଶ୍ୱର ଦେବସ୍ଥାନ ମହାରାଷ୍ଟ୍ର, ବାବା ବୈଦ୍ୟନାଥ ଧାମ ଝାଡଖଣ୍ଡ ରେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଓଡିଶା ମଧ୍ୟରେ କୋରାପୁଟ ଓ ନାରାୟଣ ପାଟଣା ର ଜଗନ୍ନାଥ ମନ୍ଦିର, ଝାରସୁଗୁଡା ର ଝାଡେଶ୍ୱରୀ ମନ୍ଦିର ଓ କୁକୁରଜଙ୍ଗାର ଜଗନ୍ନାଥ ମନ୍ଦିର, ସୁବର୍ଣ୍ଣପୁର ର ପାତାଳୀ ଶ୍ରୀକ୍ଷେତ୍ର , ଦେବଗଡ଼ ର ଗୋପାଳ ଜୀଉ ମନ୍ଦିର ଓ ମା ଝାଡେଶ୍ୱରୀ ମନ୍ଦିର, ନୂଆପଡା ର ଯୋଗେଶ୍ୱର ମନ୍ଦିର ରେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି ।ପ୍ରତ୍ୟେକ ସ୍ଥାନରେ ନିମନ୍ତ୍ରଣ ପତ୍ର ନେଇ ଯାଇଥିବା ସେବାୟତ ଓ ଅଧିକାରୀ ମାନଙ୍କୁ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ସ୍ୱାଗତ କରାଯାଇଛି।

# ଶ୍ରୀକ୍ଷେତ୍ରରୁ ନିମନ୍ତ୍ରଣ ପହଂଚିଲା ପାତାଳୀ ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁର

ସୁବର୍ଣ୍ଣପୁର, ୨୯/୧୨ (ନି.ପ୍ର): ଜଗତର ନାଥ ଜଗନ୍ନାଥଙ୍କ ବଡ଼ ଦେଉଳର ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତ୍ରଣ ନେଇ ପୁରୀରୁ ସ୍ୱତନ୍ତ୍ର ପ୍ରତିନିଧି ନୋଡାଲ ଅଧିକାରୀ ବିକାଶ ମହାନ୍ତିଙ୍କ ତତ୍ୱାବଧାନରେ ଜଗନ୍ନାଥ ସେବକ ମନୋଜ ମହାନ୍ତି, ରାଜକିଶୋର ପଣ୍ଡା ଓ ରାଜେଶ ଖୁଣ୍ଟିଆ ସୁବର୍ଣ୍ଣପୁର ଜିଲ୍ଲାରେ ସନ୍ଧ୍ୟାରେ ପହଂଚିଥିଲେ। ସେମାନଙ୍କୁ ସ୍ଥାନୀୟ ନଳିନୀ ଛକରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଉପଜିଲ୍ଲାପାଳ ସୋନପୁର ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ସହରର ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ,ମହିଳା ସଙ୍କୀର୍ତନ ମଣ୍ଡଳୀ , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତାମାନେ ହରିବୋଲ ହୁଳହୁଳି ଧ୍ୱନି ଓ ଭଜନ କୀର୍ତନରେ ଶ୍ରୀକ୍ଷେତ୍ର ପ୍ରତିନିଧି ମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ କ୍ଷ ସହରର ଶତାଧିକ ଜନସାଧାରଣ ଗୋଟିଏ ବିରାଟ ପଟୁଆରରେ ଶୋଭା ଯାତ୍ରାକରି ରଜାପଡା ସ୍ଥିତ ପୁରୁଣା ବଡ଼ ଜଗନ୍ନାଥ ମନ୍ଦିରରେ ପହଂଚିଥିଲେ ଓ ସେଠାରେ ବିଧିବଦ୍ଧ ଭାବରେ ଶ୍ରୀମନ୍ଦିର ପ୍ରଦତ ନିମନ୍ତ୍ରଣ ପତ୍ର ବଡ ଜଗନ୍ନାଥ ମନ୍ଦିର ପୂଜକଙ୍କୁ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ଅର୍ପଣ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଧାର୍ମିକ ମହାସମାରୋହରେ ଯୋଗଦେବା ପାଇଁ ଦେଶର ତଥା ରାଜ୍ୟର ପ୍ରମୁଖ ଦେବାଦେବୀ ଏବଂ ବ୍ୟକ୍ତି ବିଶେଷଙ୍କୁ ଶ୍ରୀମନ୍ଦିରର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନିମନ୍ତ୍ରଣ ଦେଇ ପ୍ରତିନିଧିମାନଙ୍କୁ ପ୍ରେରଣ କରାଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ସୋନପୁର, ବୀରମହାରାଜପୁର , ତହସିଲଦାର ସୋନପୁର , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ,ବରିଷ୍ଠ ନାଗରିକ ସଂଘ ର କର୍ମକର୍ତା, ପାତାଳୀ ଶ୍ରୀକ୍ଷେତ୍ରର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ'ର ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି, ପୌର ଅଧକ୍ଷା ଶ୍ରୀମତୀ ସରିତା ସାହୁ, ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ ଅମିୟ କୁମାର ମହାନ୍ତି, ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର୍ ପ୍ରମୋଦ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ନିଜର ଅଧ୍ୟାବସାୟ ବଳରେ ନିଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରି ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ବିଧାୟକ ଶ୍ରୀ ବେହେରା ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ମାନ୍ୟବର ମୁଖ୍ୟମନ୍ତ୍ରୀନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ସରାକର ପ୍ରଚଳନ କରିଥିବା ନୂଆ-ଓ ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ନାରୀ ପ୍ରତିଭାର ବିସ୍ଫୋରଣ ଘଟିବା ସହ ପ୍ରତି କ୍ଷେତ୍ରରେ ମହିଳା ମାନେ ଯଥେଷ୍ଟ ଆଗକୁ ଆସିଲେଣି ବୋଲି ସୂଚନା ଦେଇଥିଲେ । "ମୋ ପୋଖରୀ" ଏବଂ "ମୁକ୍ତା" ଯୋଜନା ମାଧ୍ୟମରେ ମହାବିଦ୍ୟାଳୟର ସୌନ୍ଦର୍ଯ୍ୟ କରଣ ପାଇଁ ଓ ଛାତ୍ରୀ ନିବାସର ନବୀକରଣ ପାଇଁ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଧକ୍ଷା ଡ଼ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମହାବିଦ୍ୟାଳୟର ଶିକ୍ଷକ ପରିଷଦର ପ୍ରଫେସର ରଞ୍ଜିତ୍ ରଞ୍ଜନ ସାହୁ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର୍ ଡ଼ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ଼ ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଅଧ୍ୟାପିକା ନିବେଦିତା ନାୟକ , ସୌମ୍ୟକାନ୍ତି ମିତାଶ୍ରୀ, ରାଜେନ୍ଦ୍ର ସାହୁ ପୁରସ୍କାର ବିତରଣ କାର୍ଯ୍ୟରେ ନିଯୁକ୍ତ ଥିଲେ। ଶ୍ରୀମତୀ ବାଗ୍ମୀ ସାମଲ ଓ ଆରତୀ ଚୌଧୁରୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଡ଼ ଶକ୍ତିଶେଖର ଦାଶ ଓ ଅଧ୍ୟାପିକା ଭାରତୀ ଜେନା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତିଙ୍କ ସମେତ କଲେଜର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ ।

# ଶିଶୁ ସୁରକ୍ଷା ଓ ଯତ୍ନ ପାଇଁ ମହାସଂଘର ସଭାପତି/ସମ୍ପାଦକମାନଙ୍କୁ ତାଲିମ୍

ବଲାଙ୍ଗିର, ୨୯/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଗୁଡଭେଲ୍ ବ୍ଲକ୍ ସମ୍ମୁଖରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ତାଲିମ ଅନୁଷ୍ଠିତ ହୋଇଥିଲା। ଉକ୍ତ ତାଲିମ ଶିବିରରେ କପିଲଦେବ୍ ସାହୁ ପ୍ରଦିପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରି ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ କିଶୋର ନ୍ୟାୟ ଆଇନ, ପୁତ୍ର ସନ୍ତାନ ପ୍ରଧନ୍ୟ ଓ ଲିଙ୍ଗ ନିରୂପଣ ନିମିତ ଥିବା ବିଧି, ପୋସ୍କୋ ଆଇନ୍ ଉପରେ ଜଣାଇଥିଲେ। ସୁରକ୍ଷା ଅଧିକାରୀ ଚୁଡ଼ାମଣି ପଣ୍ଡା ବେଟି ବଚାଓ ବେଟି ପଡାଓ, ଝିଅ ବଂଚାନ୍ତୁ ଝିଅ ପଢନ୍ତୁ, କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି ଏବଂ ଶିକ୍ଷା ସଶକ୍ତିକରଣ କରାଇବା, ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବୁଝାଇ ତାଲିମ ପ୍ରଦାନ କରିଥଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ର ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ତିର୍ଥଦେବ କୁମାର ବାଗ, ସମନ୍ୱିତ ଶିଶୁ ବିକାଶର ସୁପରଭାଇଜର କହ୍ଲଲତା ତ୍ରିପାଠୀ, ସରୋଜିନି ମହାନନ୍ଦ, ମୌସୁମୀ ମାଇତୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦିକା ମାନେ ଉପସ୍ଥିତ ଥିଲେ। ପରିଶେଷରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି କହିଲେ, ମିଶନ ବାତ୍ସଲ୍ୟ ମାର୍ଗଦର୍ଶିକା ଅନୁଯାୟୀ, ଗ୍ରାମ ପଂଚାୟତର ଗମ ସଭାରେ ଓ ବାର୍ଷିକ ଖସଡ଼ା ଯୋଜନାରେ ଜିପିଡିପିରେ ଶିଶୁ ସୁରକ୍ଷା ଓ ଯତ୍ନ ପାଇଁ ୫ ପ୍ରତିଶତ ବଜେଟ ସ୍ଥାନିତ କରିବାକୁ ଜଣାଇଥିଲେ ଏବଂ ପରିଶେଷରେ ଉପସ୍ଥିତ ଥିବା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ଶେଷ କରିଥଲେ।

## ପଂଚମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ସଚ୍ଚିତଙ୍କ କୃତିତ୍ୱ ହାସଲ

ମାଲକାନଗିରି, ୨୯/୧୨ (ନି.ପ୍ର): ଆଜି ପୁରୀ ଠାରେ ପଂଚମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ୨୦୨୩ ରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ପ୍ରତିଯୋଗୀ ଜିଲ୍ଲାସ୍ତରରେ ଚୟନ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ ।ମାଲକାନଗିରି ଜିଲ୍ଲାରୁ ସଚ୍ଚିତ କୁମାର ଗନ୍ତାୟତ, (ସପ୍ତମ ଶ୍ରେଣୀ) ପିତା ଶ୍ରୀ ସନ୍ତୋଷ କୁମାର ଗନ୍ତାୟତ, ବାଲିମେଲା ସ୍ଥିତ ଆଇ ଏମ ଏସ ଟି ସ୍କୁଲ ର ଛାତ୍ର ଅଟନ୍ତି !ସେ ଦକ୍ଷିଣ ଓଡ଼ିଶାର ଏକ ମାତ୍ର କୃତି ପ୍ରତିଯୋଗୀ ହୋଇଥିବାରୁ ପରମ ପୂଜନୀୟ ଗଜପତି ମହାରାଜା ଦିବ୍ୟ ସିଂହ ଦେବଙ୍କଠାରୁ ପ୍ରମାଣପତ୍ର ସହ ପୁରସ୍କାର ଗ୍ରହଣ କରିଛନ୍ତି । ଏଥିପାଇଁ ସେ ବୁଦ୍ଧିଜୀବୀ ମାନଙ୍କ ତରଫରୁ ଅନେକ ଶୁଭେଚ୍ଛା ସାଉଁଟିଛନ୍ତି ।

# କଂଗ୍ରେସର ୧୩୮ ତମ ପ୍ରତିଷ୍ଠା ଦିବସ ପାଳନ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ତରଫରୁ ୧୩୮ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କଂଗ୍ରେସ ପତାକାକୁ କଂଗ୍ରେସ ଭବନ ପରିସରରେ ଉତୋଳନ କରାଯାଇ ଥିଲା । ପରେ ଶ୍ରୀ ମହାନ୍ତିଙ୍କ ଅଧକ୍ଷତାରେ କଂଗ୍ରେସ ଭବନରେ ଏକ ସଭାର ଆୟୋଜନ କରାଯାଇ ଥିଲା । ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ମୁଖପାତ୍ର ପ୍ରଫୁଲ୍ଲ କୁମାର ଦାସ, ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ, ରତୀକାନ୍ତ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାନ, ହିବଜୁବୁର ରହେମାନ, ସୌମେନ୍ଦ୍ର ପୃଷ୍ଟି, ଛାତ୍ର କଂଗ୍ରେସ ସଭାପତି ପରଓ୍ୱେଜ ଅଖତର, ଦୟାନିଧି ଜେନା, କମଳାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ କଂଗ୍ରେସର ପ୍ରତିଷ୍ଠା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦେଶ ପ୍ରତି ଅବଦାନ ସଂପର୍କରେ ଅବତାରଣା କରିଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନ ସ୍ୱାଧିନତା ଆନ୍ଦୋଳନ ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସ୍ୱାଧିନତା ପରବର୍ତୀ ପ୍ରାୟ ୫୦ ଧରି ଦେଶର ଶାସନ ଭାର ଗ୍ରହଣ କରି ବିଶ୍ୱ ସମ୍ମୁଖରେ ନିଜର ଗୁରୁ ଦାୟିତ୍ୱ ପ୍ରମାଣିତ କରିଛି । ଦେଶକୁ ଆଗେଇ ନେବାରେ ପ୍ରଥମ ପ୍ରଧାନମନ୍ତ୍ରୀ ୰ ଜବାହାରଲାଲ ନେହେରୁଙ୍କ ଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ପ୍ରମୁଖ ଦେଶ ଗଠନରେ ଗ୍ରହଣ କରିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା କୁ ସ୍ମରଣ କରି କଂଗ୍ରେସ କର୍ମୀମାନେ ଏକଜୁଟ ହୋଇ ଦଳର ସେହି ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ନିର୍ବାଚନରେ ବହୁ ସଂଖ୍ୟାରେ କଂଗ୍ରେସ ପାର୍ଥୀ ମାନଙ୍କୁ ଜିତାଇବା ପାଇଁ ଏବେ ଠାରୁ ଲାଗି ପଡିବାକୁ ଉପସ୍ଥିତ ଦଳୀୟ ନେତାମାନେ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉମାଶଙ୍କର ଜେନା, ଓଁକାର ମହାନ୍ତି, ସୁଜୟ ଦାସ, ପ୍ରଦପି ପ୍ରଧାନ, ବ୍ରଜ କିଶୋର ନାୟକ, ମିର ମୁରସିଦ ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସରେ ଯୋଗ ଦେଲେ ଇଂ ସିଦ୍ଧାର୍ଥ ଓ ସର୍ବେଶ୍ୱର

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅଧିନ ପଟ୍ଟାମୁଣ୍ଡାଇ ନରସିଂହପୁର ର ଯୁବ ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ଓ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧିନ ବଟିରା ପଂଚାୟତର ଦଳିତ ନେତା ସର୍ବେଶ୍ୱର ବେହେରା କଂଗ୍ରେସରେ ଯୋଗ ଦେଇଛନ୍ତି । ଆଜି ଦଳର ପ୍ରତିଷ୍ଠା ଦିବସରେ ଉଭୟ ନେତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ପ୍ରଫୁଲ୍ଲ ଦାସ, ଆକବର ଅଲ୍ଲୀ, ରତୀକାନ୍ତ କାନୁନଗୋ, ରାଜେଶ ମହାନ୍ତି ପ୍ରମୁଖ ଉଭୟ ନେତାଙ୍କୁ ଫୁଲତୋଡା ଓ ଉତରୀୟ ପ୍ରଦାନ କରି ସ୍ୱାଗ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଯୋଗଦାନ ଫଳରେ ଉଭୟ ନିର୍ବାଚନ ମଣ୍ଡଳୀରେ କଗ୍ରେସ ସଂଗଠନ ଅଧିକ ସୁଦୃଢ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ସ୍ୱୟଂ ସହାୟକ ଦଳର ଦକ୍ଷତା ବିକାଶ ତାଲିମ ଶିବିର

ବଲାଙ୍ଗୀର, ୨୯/୧୨ (ନି.ପ୍ର): ସ୍ଥାନୀୟ ସଦାଇପାଲି ଗ୍ରାମସ୍ଥିତ ଭାଗବତ ଘରଠାରେ ରାମଜୀ ଯୁବକ ସଂଘ ଆନୁକୂଲ୍ୟରେ ସଂଘର ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ରଙ୍କ ଆହ୍ୱାନ କ୍ରମେ ମହିଳା ସ୍ୱୟଂ ସହାୟକ ଦଳର ସଭ୍ୟାମାନଙ୍କର ଏକ ତାଲିମ ଶିବିର ଅୟୋଜିତ ହୋଇଯାଇଛି। ୮ ଟି ସ୍ୱୟଂ ସହାୟକ ଦଳର ୫୫ ଜଣ ସଦସ୍ୟାଙ୍କୁ ନେଇ ହୋଇଥିବା ତାଲିମ ଶିବିରରେ ଅତିଥି ଭାବରେ ଯୋଗଦାନ କରି ରାମଜୀ ଯୁବକ ସଂଘର ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ନାଏକ ଶୁଭାରମ୍ଭ କରିଥିଲେ ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ବିରଂଚି ସାଏ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ତାଲିମ ଶିବିରରେ ସାଧନ କର୍ମୀ ଭାବରେ ଯୋଗଦାନ କରି ରାମଜୀ ଯୁବକ ସଂଘର ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ମେହେର ଅଂଶ ଗ୍ରହଣକାରୀ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ଗଠନ ଏବଂ ଏହାର ପରିଚାଳନା ତଥା ଆବଶ୍ୟକ ନଥିପତ୍ର ପୂରଣ ଉପରେ ତାଲିମ ଦେବା ସହିତ ତାଙ୍କୁ ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୂକ୍ତି ଉପରେ ବ୍ୟାପକ ଭାବରେ ବୁଝାଇଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଦଳ ନେତ୍ରୀମାନଙ୍କ ମଧ୍ୟରୁ ରୁପକାନ୍ତି ତେଜୀ, ଗିତାଞ୍ଜଳୀ ପଟେଲ, ପଙ୍କଜିନୀ ସାହୁ, ରଶ୍ମିତା ମେଶ୍ରା ତଥା ପ୍ରମୋଦିନୀ ପଟେଲ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ।

# ଚତୁର୍ଥ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଂଟ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ସର୍ବ ଭାରତୀୟ ସ୍ତରୀୟ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି-୨୦୨୪ ଫୁଟବଲ ଟୁର୍ଣ୍ଣାମେ ପାଇଁ ଏକ ପ୍ରସ୍ତୁତି ବୈଠକ ପୌରା ଳ ଅନ୍ତର୍ଗତ ମାଧପୁରସ୍ଥିତ ଅମର ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଫୁଟବଲ ଟୁର୍ଣ୍ଣାମେଂଟ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀମାସ ୨୬ତାରିଖରୁ ଫେବୃୟାରୀମାସ ୨ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ହାଇସ୍କୁଲ ଖେଳ ପଡିଆରେ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଫୁଟବଲ୍ ଟୁର୍ଣ୍ଣାମେ ରେ ରାଜ୍ୟ ତଥା ରାଜ୍ୟ ବାହାରର ବଛା ବଛା ୮ଟି ଟିମ ଅଂଶଗ୍ରହଣ କରିବେ। ଏହି ଫୁଟବଲ ଟୁର୍ଣ୍ଣାମେ ର ଚମ୍ପିୟନ ଦଳକୁ ୨୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ଓ ରନର୍ସଅପ ଦଳକୁ ୧୬ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ଅବସରରେ କ୍ଲବର ନୂତନ କର୍ମକର୍ତା ନିର୍ବାଚନ କରାଯାଇ ସର୍ବସମ୍ମତିକ୍ରମେ ସଭାପତି ଭାବେ ସଲିମ ଖାନ, କାର୍ଯ୍ୟକାରୀ ସଭାପତି ଭାବେ ମହମ୍ମଦ ନିଆଜ(ମତୁ), ଉପସଭାପତି ଭାବେ ସେକ ସଫାତୁଲ୍ଲା, ସମିଉଲ୍ଲା ଖାନ(ଜୁମା), ଅକିଲ ଅହେମ୍ମଦ, ସେକ ଫରିଦୁଦ୍ଦିନ, ସେକ ବୁରାନ ଅଲ୍ଲୀ, ସାଧାରଣ ସମ୍ପାଦକ ଭାବେ ସେକ ସାହାବୁଲ୍ଲା, ସମ୍ପାଦକ ଭାବେ ମୀର ଜରାର୍, ଆୟାଜ୍ ମହମ୍ମଦ, ମୀର ୟାସିର, ମୀର ସଲିମ, କଲିମ ଖାନ, କୋଷାଧକ୍ଷ ଭାବେ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ ଏବଂ ଉପଦେଷ୍ଟାମଣ୍ଡଳୀର ସଦସ୍ୟ ଭାବେ ସେକ ଲିଆକତ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ମୀର ଆବୁ ଓବେଦା, ମୀର ବକାଉଲ୍ଲା, ମୀର ଫାରୁକ, ମହମ୍ମଦ ଲିଆକତ ଅଲ୍ଲୀ, ସେକ ହାଇଦର ଅଲ୍ଲୀ, ସୟଦ ଅବଦୁଲ ସତାର, ସୟଦ ଏହେସାନ ଅଲ୍ଲୀ, ମୀର ଆବୁସମା, ଜାହିଦ ଖାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ କ୍ଲବର ସମସ୍ତ ସାଦସ୍ୟ ଯୋଗଦେଇ ସଭାକୁ ସଫଳ କରାଇଥିଲେ। ଶେଷରେ ମହମ୍ମଦ ନିଆଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

## କାଳିମେଳାରେ ନିର୍ମାଣଧିନ ରାମ ମନ୍ଦିର ପରିଦର୍ଶନ କଲେ ବିଧାୟକ

ମାଲକାନଗିରି, ୨୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ସଦର ମହକୁମା ତେଲୁଗୁ ସାହିରେ ନିର୍ମାଣ ଧିନ ଥିବା ରାମ ମନ୍ଦିର କାମ ଦେଖିବା ପାଇଁ ଆଜି ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମନ୍ଦିର ପରିଦର୍ଶନ ଯାଇ ମନ୍ଦିର କମିଟି ଓ ସ୍ଥାନିୟ ଅଂଚଳ ବାସୀଙ୍କ ସହ କାମର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ଏହି ଅବସରରେ ବିଧାୟକ ପ୍ରତିନିଧି ରାଜ କିଶୋର ମଣ୍ଡଳ, କାଲିମେଲା ବ୍ଲକ ବିଜେପି ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ଯୋଗେନ୍ଦ୍ର ଦ୍ୱିବେଦୀ, ସୋମେଶ ସୁବୁଦ୍ଧି ଓ ଶ୍ରୀ ରାଙ୍ଗୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ମୋବାଇଲ ଲୁଟେରା ଗିରଫ

ଚମ୍ପୁଆ, ୨୯/୧୨ (ନି.ପ୍ର): ମୋବାଇଲରେ ଫଟୋ ଉଠାଉଥିବା ସମୟରେ ମୋବାଇଲ ଲୁଟି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ଦୁଇ ଜଣ ଯୁବକ ଙ୍କୁ କାବୁ କରି ପୋଲିସ ର ଜିମା ଦେଇଛନ୍ତି ଗ୍ରାମବାସୀ। ମିଳିଥିବା ଖବର ଅନୁସାରେ ଗତ ୨୭ ତାରିଖ ସନ୍ଧ୍ୟା ସମୟରେ ଚମ୍ପୁଆ ଉପଖଣ୍ଡ ବାରିଆ ଥାନା ଅନ୍ତର୍ଗତ ଉଖୁଣ୍ଡା ମନ୍ଦିର ନିକଟରେ କିଛି ପିଲା ମୋବାଇଲ ରେ ଫୋଟ ଉଠାଉ ଥିବା ବେଳେ ଦୁଇ ଜଣ ଯୁବକ ତାଙ୍କ ଠାରୁ ମୋବାଇଲ ଲୁଟି ନେଇ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ ଉପସ୍ଥିତ ଗ୍ରାମବାସୀ ଲୁଟେରା ଦୁଇ ଜଣ ଙ୍କୁ କାବୁ କରିଥିଲେ। ଯୁବକ ଦୁଇ ଜଣଙ୍କୁ ଉତ୍ତମ ମଧ୍ୟମ ଦେବା ସହ ବାରିଆ ପୋଲିସ ର ଜିମା ଦେଇଥିଲେ। ଯୁବକ ଦ୍ୱୟ ହେଲେ ବଲାଣି ନିକଟବର୍ତ୍ତୀ ଚମ୍ପୁଆ ବସ୍ତି ର ସଚିନ ବାରିକ (୧୯) ଓ ବବିନ ମହାକୁଡ (୨୩) । ପୋଲିସ୍ ଦୁଇ ଲୁଟେରାଙ୍କୁ ଗିରଫ କରି ସେମାନଙ୍କ ଠାରୁ ଲୁଟ୍ ଉଦ୍ୟମ ରେ ବ୍ୟବହୃତ ଏକ ବାଇକ୍ ଜବତ କରିବା ସହ ୭ ଟି ମୋବାଇଲ ଓ ଗୋଟିଏ କ୍ୟାମେରା ଜବତ କରିଛି ।ବାରିଆ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଯୁବକ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଚମ୍ପୁଆ ତଥା ଆଖ ପାଖ ଅଂଚଳ ରେ କିଛି ଦିନ ହେବ ମୋବାଇଲ ଲୁଟେରା ଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଆଜି କାଳିକାପ୍ରସାଦ ନିକଟରେ ସମାନ ଢଙ୍ଗ ରେ ଜଣେ ମହିଳା ଙ୍କ ଠାରୁ ମୋବାଇଲ ଲୁଟ ହୋଇଥିବା ନେଇ ଚମ୍ପୁଆ ଥାନା ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ସେହିପରି ଗତ କାଲି ସନ୍ଧ୍ୟା ରେ ଚମ୍ପୁଆ ନିକୋଲସନ ବନବିଦ୍ୟାଳୟ ନିକଟରେ ଟ୍ୟୁସନ ସାରି ଘରକୁ ଫେରୁଥିବା ଜଣେ ଯୁବତୀ ଙ୍କ ନିକଟରୁ ମୋବାଇଲ୍ ସହ ଭ୍ୟାନିଟି ବ୍ୟାଗ୍ ଲୁଟି ବାଇକ୍ ରେ ଥିବା ଦୁଇ ଜଣ ଯୁବକ ଫେରାର ହୋଇଯାଇଥିଲେ । ଏ ନେଇ ଯୁବତୀ ଜଣକ ଚମ୍ପୁଆ ଥାନା ରେ ଅଭିଯୋଗ କରିଥିଲେ। ତେବେ ଚମ୍ପୁଆ ଅଂଚଳ ରେ ଗତ କିଛି ଦିନ ହେବ ମୋବାଇଲ ଲୁଟେରା ଙ୍କ ଉତ୍ପାତ ବୃଦ୍ଧି ସାଧାରଣ ରେ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।

# ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନେଇ ନିମନ୍ତ୍ରଣ

ମାଲକାନଗିରି, ୨୯/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ମହତ୍ୱକାଂକ୍ଷୀ ଯୋଜନା ଆଧାରରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ୨୦୨୪ ମସିହା ଜାନୁୟାରୀ ୧୭ ତାରିଖରେ ଏହି ପ୍ରକଳ୍ପ ର ଲୋକାର୍ପଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ କରକମଳରେ ପୁରୀ ଠାରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଦେଶ ବାହାର, ଦେଶ ଭିତର ଓ ରାଜ୍ୟ ଭିତରର ବିଭିନ୍ନ ପ୍ରମୁଖ ଧର୍ମସ୍ଥଳୀର ମୁଖ୍ୟ ମାନଙ୍କୁ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଛି ।ଜିଲ୍ଲାର ଦୁଇଟି ପ୍ରମୁଖ ଧର୍ମ ସ୍ଥଳୀର ୨ ଜଣ ଲେଖାଏଁ ମୁଖ୍ୟଙ୍କୁ ୧୭ ତାରିଖକୁ ଆମନ୍ତ୍ରଣ କରାଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ପାଇଁ ଆଜି ପୁରୀରୁ ଏକ ସ୍ୱତନ୍ତ୍ର ଚାରି ଜଣିଆ ପ୍ରତିନିଧି ଦଳରେ ନୋଡ଼ାଲ ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ, ପୁରୀ, ବଳରାମ ପାତ୍ର ଏବଂ ଦଳର ସଦସ୍ୟ ଭାବେ ସେବାୟତ କେଦାରନାଥ ପ୍ରତିହାରୀ, ଲୋକନାଥ ପ୍ରତିହାରୀ ଓ ଚନ୍ଦ୍ରଶେଖର ଖୁଂଟିଆ ପହଂଚିଥିଲେ। ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମାଉଳି ମା ମନ୍ଦିର ପରିଚାଳନା କମିଟି ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମାଉସୀ ମା ମନ୍ଦିର ଠାରୁ ବାଜା, ମହୁରୀ, ହୁଳହୁଳି, ଶଙ୍ଖନାଦ ଓ ସଂକୀର୍ତନ ଶୋଭାଯାତ୍ରା ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଂଚି ଥିଲା। ଏଠାରେ ଜିଲ୍ଲାପାଳ ବିଶାଲ ସିଂ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ତ୍ରିନାଥ ମାଝୀ, ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର(ଅର୍ଥ) ମାନସ ମିଶ୍ର, ପ୍ରୋଗ୍ରାମ ମ୍ୟାନେଜରଜୀବନ ଜୀବିକା, ବାଲାଜୀ ପଟ୍ଟନାୟକ ଓ ଜିଲ୍ଲା ପଂଚାୟତ ଅଧିକାରୀ, ରଜନୀକାନ୍ତ ଦାସ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ, ବ୍ରଜ କିଶୋର ପାଳ, ପୂଜକ, ସନ୍ତୋଷ ନନ୍ଦ, ମାଉଲି ମା ମନ୍ଦିର ପରିଚାଳନା କମିଟି, ସଭାପତି, ବଳରାମ ପଣ୍ଡା ଓ ପୂଜକ ଦେବେନ୍ଦ୍ରନାଥ ପୂଜାରୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମାଉଲି ମା ମନ୍ଦିରର ପୂଜକ ଓ ପରିଚାଳନା କମିଟିର ମୋଟ ଚାରି ଜଣଙ୍କୁ ଉଦଘାଟନୀ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭବ୍ୟ କରିବା ନିମନ୍ତେ ଜିଲ୍ଲାର ବଣ୍ଡା, କୋୟା, ଦୁରୁଆ ନୃତ୍ୟ ସାଙ୍ଗକୁ ସଂକୀର୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

# ପାଣିକୋଇଲି ଛକରେ ମରାମତି ହେଲା ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକ

କୋରେଇ, ୨୯/୧୨ (ନି.ପ୍ର): ପାଣିକୋଇଲି ବଜାରରେ ୨୦ ନମ୍ବର ଜାତୀୟ ରାଜପଥ କଡରେ ଲାଗିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକଟି ଦୀର୍ଘ ମାସ ହେବ ଅଚଳ ହୋଇ ପଡିଥିଲା। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ହେଲେ ବିଭାଗ ନୀରବଦ୍ରଷ୍ଟା ସାଜିଥିଲା। ଦୁଇଟି ରାଜପଥର ସଂଯୋଗ ସ୍ଥଳ ପାଣିକୋଇଲି ବଜାରେ ଦିବାରାତ୍ରୀ ଯାତ୍ରୀଙ୍କ ଯାତାୟତ ଲାଗିରହୁଥିବାରୁ ଏଠାରେ ଆଲୋକର ଆବଶ୍ୟକତା ଅନେକ ରହିଛି । ଏନେଇ ଗତ ଡିସେମ୍ବର ୬ ତାରିଖ ପାଣିକୋଇଲିର ଯୁବ ସମାଜସେବୀ ରାକେଶ ସାହୁ ଏହି ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକର ତ୍ୱରୀତ ମରାମତି ପାଇଁ ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ । ଫଳରେ ବିଭାଗ ପକ୍ଷରୁ ଆଜି ଏହାର ମରାମତି କରାଯାଇଛି । ଫଳରେ ଅନ୍ଧାରରେ ରହୁଥିବା ବଜାର ବାସୀଙ୍କ ମୁହଁରେ ଆନନ୍ଦ ଦେଖାଦେଇଛି।

# ଲୋକ କଳା ସଂସ୍କୃତି ସଂରକ୍ଷଣରେ ସାମୁହିକ ସହଯୋଗର ଆବଶ୍ୟକତା ରହିଛି

ସମ୍ବଲପୁର, ୨୯/୧୨ (ନି.ପ୍ର): ସମ୍ବଲପୁର ଲୋକ ମହୋତ୍ସବ-୨୦୨୪ ହେବାକୁ ଥିବା ବେଳେ ଆରମ୍ଭ ହୋଇଯାଇଛି ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ କାର୍ଯ୍ୟକ୍ରମ । ଏହି କ୍ରମରେ ଆଜି ରେଢ଼ାଖୋଲ ବ୍ଲକ ସ୍ଥିତ ରାଜୀବ ଭବନ ଠାରେ ରେଢ଼ାଖୋଲ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ କ୍ରମରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି କ୍ଷ ସମ୍ବଲପୁର ଲୋକ ମହୋତ୍ସବ ର ଆଲୋଚନା ଚକ୍ର ଉପସମିତି ର ଆବାହକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଙ୍କର ଅଧ୍ୟକ୍ଷତା ରେ ଆୟୋଜିତ ଆଲୋଚନା ଚକ୍ର ରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବି.ଡି.ଓ. ମନୋଜ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବ୍ଲକ ଗ୍ରାମ ପଂଚାୟତ ଅଧିକାରୀ ପଂଚାନନ ବେହେରା ଓ ମୁଖ୍ୟ ବକ୍ତା ଭାବରେ ସଂସ୍କୃତିବିତ ସୂର୍ଯ୍ୟ ପାଣିଗ୍ରାହୀ ଯୋଗ ଦେଇଥିଲେ। ଲୋକକଳା ସଂସ୍କୃତି ର ସଂରକ୍ଷଣ ରେ ଗଣମାଧ୍ୟମ ଓ କଳାକାର ର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ରେ ରେଢ଼ାଖୋଲ ବ୍ଲକ, ରେଢ଼ାଖୋଲ ଏନ.ଏ.ସି., ଯୁଯୁମୁରା ବ୍ଲକ, ନାକଟିଦେଉଳ ବ୍ଲକ ର କଳାକାର ଓ ସଂସ୍କୃତି ପ୍ରେମୀ ତଥା ସାମ୍ବାଦିକ ମାନେ ଯୋଗ ଦେଇଥିଲେ। ପ୍ରାରମ୍ଭ ରେ ମାଁ ସମଲେଶ୍ୱରୀଙ୍କ ପ୍ରତିକୃତିରେ ପୂଜା ଅର୍ଚ୍ଚନା ପରେ ଗତକାଲି ରେଢ଼ାଖୋଲ ସଡ଼କ ଦୁର୍ଘଟଣା ରେ ମୃତ୍ୟବରଣ କରିଥିବା ବ୍ୟକ୍ତି ଙ୍କର ଆତ୍ମା ର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଆଲୋଚନା ଚକ୍ରରେ ଆଲୋଚନା ଚକ୍ର ଉପସମିତି ର ଆବାହକ ଶ୍ରୀ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଅତିଥି ପରିଚୟ ପ୍ରଦାନ କରି ଲୋକ ସଂସ୍କୃତି ର ସଂରକ୍ଷଣ ହେବା ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ମେହେର ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଦ୍ୱାରା ସ୍ଥାନୀୟ କଳାକାର ଉପକୃତ ହେବେ ବୋଲି କହିଥିଲେ । ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଲୋକ ସଂସ୍କୃତି ଓ ଲୋକ କଳାକାର ଙ୍କର ଉନ୍ନତି ପାଇଁ ଗୁରୁତ୍ୱ ର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀ ପାଣିଗ୍ରାହୀ ଲୋକ କଳା ସଂସ୍କୃତିର ସଂରକ୍ଷଣ ଯେଉଁ ସ୍ତରରେ ହେବାର ଆବଶ୍ୟକତା ରହିଛି ତାହା ହେଉନାହିଁ ।

## ବଢୁଛି ରାଜନୀତି ବିଜ୍ଞାନର ଚାହିଦା

**ରାଜନୀତି ବିଜ୍ଞାନ ପାଠ୍ୟକ୍ରମରେ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହି ପାଠରେ କ୍ୟାରିଅର କରି ଏବେ ଆଉ କେହି ଘରେ ବସି ରହୁନାହାନ୍ତି । ଦେଶ ତଥା ବିଦେଶରେ ବି ଏହି କ୍ଷେତ୍ରରେ କ୍ୟାରିଅର କରିଥିବା ଛାତ୍ରଛାତ୍ରୀଙ୍କ ଭଲ ଦରମାରେ ନିଯୁକ୍ତି ମିଳୁଛି। ରାଜନୀତି ସହ ଜଡ଼ିତ ଯେକୌଣସି କ୍ଷେତ୍ରରେ ଏହି ପୀଠରେ କ୍ୟାରିଅର କରିଥିବା ସହାୟତାପାଇଁ ହେଇପାରୁଛନ୍ତି।**

ପୂର୍ବ ଅପେକ୍ଷାର ଏବେ ଆର୍ଟସ୍ ପାଠ୍ୟକ୍ରମଗୁଡ଼ିକର ଚାହିଦା ବଢୁଛି। ପୂର୍ବରୁ ରାଜନୀତି ବିଜ୍ଞାନରେ କ୍ୟାରିଅର କରିବାକୁ ବେଶି ପିଲା ଆଗ୍ରହ ପ୍ରକାଶ କରୁ ନଥିଲେ। କାରଣ ଏହି କ୍ଷେତ୍ରରେ କେବଳ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ କୌଣସି କ୍ଷେତ୍ରରେ ବେଶି କିଛି ନିଯୁକ୍ତି ସୁଯୋଗ ନଥିଲା। ରାଜନୀତି ବିଜ୍ଞାନରେ କ୍ୟାରିଅର କରିଥିବା ଛାତ୍ରଛାତ୍ରୀଙ୍କ ୭୫% ଭାଗ ନିଯୁକ୍ତି କେବଳ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ହିଁ ହେଉଥିଲା। ମାତ୍ର ଏବେ ଏହି କ୍ଷେତ୍ରରେ ବହୁତ ଭଲ ସୁଯୋଗମାନ ସୃଷ୍ଟି ହେବାରେ ଲାଗିଛି। ଏଥିରେ କ୍ୟାରିଅର କଲେ ଭବିଷ୍ୟତ ଉଜ୍ଜ୍ୱଳ




ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକତା କିମ୍ବା ଅଧ୍ୟାପନା କରିବା ବ୍ୟତୀତ ରାଜନୈତିକ ବିଶ୍ଳେଷକ, ସିଭିଲ ସର୍ଭିସ, ଭାରତୀୟ ବୈଦେଶିକ ନିଯୁକ୍ତି, ରାଜନୈତିକ ସମ୍ବାଦଦାତା ଏମିତି ଅନେକ ପ୍ରକାର କାର୍ଯ୍ୟ କରିପାରିବେ। ବିଶ୍ୱବିଦ୍ୟାଳୟ, ବିଜନେସ କିମ୍ବା ଇଣ୍ଡଷ୍ଟ୍ରିଆଲ ଫାର୍ମ, ଏନଜିଓ ଛଡ଼ା ବିଭିନ୍ନ ଓକିଲାତି କ୍ଷେତ୍ର ଗୁଡ଼ିକରେ ବି ଗବେଷଣା କରିବା ପାଇଁ ସୁଯୋଗମାନ ସୃଷ୍ଟି ହେବାରେ ଲାଗିଛି। ଭାରତର ଅନେକ ଗବେଷଣା ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ରିସର୍ଚ୍ଚ ଆନାଲିଷ୍ଟ, ରିସର୍ଚ୍ଚ ଫେଲୋ, ରିସର୍ଚ୍ଚ ଆସୋସିଏସଟ୍ସ ଦରକାର କରିଥାନ୍ତି। ଏହାଛଡ଼ା ଚାହିଁଲେ ବିଭିନ୍ନ ନଯୁକ୍ତି ମୂଳକ ପ୍ରବେଶିକା ପରୀକ୍ଷା ଯଥା ଆଇଏସ, ଆଇଈପିଏସ, ଓଏଏସ ପରୀକ୍ଷା ଦେଇ କେହି କିମ୍ବା ରାଜ୍ୟ ପ୍ରଶାସନରେ ବି ନିଯୁକ୍ତି




ପାଇପାରିବେ। ରାଜ୍ୟ ପ୍ରଶାସନର ବିଡ଼ିଓ, ତହସିଲଦାର ଏବଂ ଏହି ପଦରେ ଆହୁରି ଅନେକ ଚାକିରି କରିପାରିବେ। ଅନେକ ରାଜଜୈନତି କଦଳ ନିଜର ରାଜନୈତିକ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନେକ ସମୟରେ ରଜାନୀତି ବିଜ୍ଞାନ ବିଶାରଦଙ୍କୁ ନିଯୁକ୍ତି ଦେଇଥାନ୍ତି। ରାଜନୀତି ବିଜ୍ଞାନର କ୍ୟାରିଅର କରିଥିବା ଛାତ୍ରଛାତ୍ରୀ ବିଦେଶରେ ଭଲ ଦରମାରେ ନିଯୁକ୍ତି ପାଇଛନ୍ତି। ରାଜନୀତି ବିଜ୍ଞାନ ସହ ଲ' ପଢ଼ିଥିଲେ କିମ୍ବା ପବ୍ଲିକ ଆଡ଼ମିନିଷ୍ଟ୍ରେସନ ଆଦି ପଢ଼ିଥିଲେ ଆନ୍ତର୍ଜାତୀୟ ସମ୍ପର୍କ ବିଭାଗରେ ନିଯୁକ୍ତି ପାଇପାରିବେ। ଏହାଛଡ଼ା ଜଣେ ରାଜନୀତି ବିଜ୍ଞାନ ବିଶାରଦ ପବ୍ଲିକ ଆଡ଼ମିନିଷ୍ଟ୍ରେସନ, ପବ୍ଲିକ ପ୍ଲାନିଂ, ସୋସିଆଲ ପଲିସି, ପବ୍ଲିକ ଆଫେୟାର୍ସ, ଡିପ୍ଲୋମାସୀ, ସିଟି ପ୍ଲାନର, ଇଣ୍ଟେଲିଜେନ୍ସ ଏକ୍ସପର୍ଟ, ଡିପ୍ଲୋମାଟ (କୁଟନୀତିଜ୍ଞ), ଦୂତାବାସ କାର୍ଯ୍ୟାଳୟ ଆଦି ଅନେକ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ। ଏହିସବୁ କ୍ଷେତ୍ରରେ ନିଯୁକ୍ତି ପାଇଲେ ଭଲ ଦରମା ମିଳିଥାଏ।

## ବଢ଼ାନ୍ତୁ ସମସ୍ୟା ସମାଧାନ, ଦୃଢ଼ ନିଷ୍ପତ୍ତି ନେବାର ଦକ୍ଷତା



**ଛାତ୍ର ଜୀବନରେ ସମସ୍ୟା ସମାଧାନ କରିବା, କୌଣସି କାମ ପାଇଁ ଦୃଢ଼ ନିଷ୍ପତ୍ତି ନେବା ହେଉଛି ଏକ ବଡ଼ ଦକ୍ଷତା। ଏହି ଦୁଇଟି ଗୁଣ କେବଳ ଛାତ୍ର ଜୀବନ ନୁହେଁ ସାରା ଜୀବନ କାମରେ ଲାଗିଥାଏ।**

ଅଭିଜ୍ଞତା ଆଧାରରେ ସଠିକ୍ ନିଷ୍ପତ୍ତି ନେବା ଦକ୍ଷତାର ବିକାଶ ହୋଇଥାଏ। ସମସ୍ୟା ସମାଧାନ କରିବା, ନିଷ୍ପତ୍ତି ନେବା ଏ ଗୁଣ

ସମସ୍ୟା ସମାଧାନ ଓ ନିଷ୍ପତ୍ତି ଗ୍ରହଣ- ଏ ଦୁଇଟି ପରସ୍ପର ପରିପୂରକ। ସମସ୍ୟାର ସମାଧାନ ସହଜ ଉପାୟ ନିଷ୍ପତ୍ତି ନେବା ଉପରେ ନିର୍ଭର କରେ। ଆଉ ନିଷ୍ପତ୍ତି ନେବା ଗୁଣ ପରିଚାଳନା ଓ ନେତୃତ୍ୱ ନେବା ଦକ୍ଷତା ଉପରେ ସଂପୂର୍ଣ୍ଣ ନିର୍ଭର କରିଥାଏ। ଭାବପ୍ରବଣତା ଏହାର ବଡ଼ ଶତ୍ରୁ। ଛାତ୍ର ଯଦି ହୋମ ସି୍କ (ଘର-ପରିବାର ଆସକ୍ତ) ସେ କେବେବି ଏହି ଦୁଇଟି ଗୁଣର ଅଧିକାରୀ ହୋଇପାରିବେ ନାହିଁ। ହୋମସିକ ଗୁଣ ଭାବପ୍ରବଣତାକୁ ଡାକିଆଣେ। ଛାତ୍ରଛାତ୍ରୀଙ୍କ ପାଇଁ ଏସବୁ ଦୁର୍ବଳତା ମୁଣ୍ଡ ବିନ୍ଧାର କାରଣ ହୋଇଥାଏ। ଜୀବନରେ କିଛି କରିବାକୁ ହେଲେ, ବଡ଼ ହୋଇ କୌଣସି ସାମାଜିକ ଦାୟିତ୍ୱ ନିର୍ବାହ କରିବାକୁ ଚାହୁଁଥିଲେ ଏସବୁ ଅବାଞ୍ଛିତ ଦୁର୍ବଳତାରୁ ନିଜକୁ ମୁକ୍ତ କରିବାକୁ ହେବ।

ତତ୍କାଳ ସମସ୍ୟା ସମାଧାନ କରିବା ଏବଂ ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା ପାଇଁ ଅନେକ ପ୍ରକାର କୌଶଳ ଅଛି। ତେବେ ଅନେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ନିଷ୍ପତ୍ତି ନେବାର ଦକ୍ଷତା ପିଲାବେଳୁ ରହିଥାଏ। ଏହିଭଳି ପିଲା ବଡ଼ ହେବା ପରେ ନିଷ୍ପତ୍ତି ନେବା କ୍ଷେତ୍ରରେ ଆପେ ଆପେ ଦକ୍ଷ ହୋଇଯାଇଥାନ୍ତି। ଅନେକ ଛାତ୍ରଛାତ୍ରୀ ଭଲ ନିଷ୍ପତ୍ତି ନେଇପାରନ୍ତି ନାହିଁ। ମାତ୍ର ସେମାନଙ୍କ ମୂଲ୍ୟାଙ୍କନ (ଆକଳନ) କରିବା ଦକ୍ଷତା ବହୁତ ଭଲଥାଏ। ଏଭଳି ଛାତ୍ରଛାତ୍ରୀ ଚାହିଁଲେ ଭଲ ନିଷ୍ପତ୍ତି ନେଇପାରିବେ। ସ୍ପଷ୍ଟ କରି କହିଲେ ଯଦି ଜଣଙ୍କ ମଧ୍ୟରେ ଆକଳନ କରିବାର ଦକ୍ଷତା ଅଛି ସେ ବୁଝିବିଚାରି ନିଷ୍ପତ୍ତି ନେଇପାରିବେ। ଥରେ ଦୁଇଥର ନିଷ୍ପତ୍ତି ନେଇ ସଫଳ ହେଲେ ତା'ପରେ ଦୁଇଟି ପ୍ରତିଭା ବା ମେଧାକୁ ଅପେକ୍ଷା ରଖେ। ଜଣେ ସେତିକି ପ୍ରତିଭାବନ ହୋଇ ନଥିଲେ ଏହି ଦୁଇ ଗୁଣରେ ଦକ୍ଷ ହୋଇପାରିବେ ନାହିଁ। କୌଣସି କିଛିକୁ ଚିହ୍ନଟ କରିବା ଏବଂ ତାକୁ ତା' ଭଳି ବିକଶିତ କରିବା ସହଜ କଥାନୁହେଁ। ସାଧାରଣ ଛାତ୍ରଛାତ୍ରୀଙ୍କ ମଗଜର ଏକଥା ସହଜରେ ପଶେନାହିଁ। ଏଥିପାଇଁ ମାନସିକସ୍ତରରେ ଖୁବ୍ ଏକ୍ସରସାଜଇଜ କରିବାକୁ ପଡ଼ିବ। କୌଣସି କ୍ଷେତ୍ରରେ ଭଲ ନିଷ୍ପତ୍ତିଟିଏ ନେବା ଆଉ ତାର ସଫଳ ରୂପାୟନ କରିବା ଏହା ଦରକାର କରେ ମେଧାର ବିକାଶ, ସୁଯୋଗର ଚିହ୍ନଟକରଣ, ବିଚାରଶୀଳତାର ସ୍ୱଷ୍ଟତା, ନିଷ୍ପତ୍ତିର ଦୃଢ଼ତା ଏବଂ ଶେହଜରେ ଏହାକୁ କାର୍ଯ୍ୟକାରୀ କରିବାର ଦକ୍ଷତା। ଏହିସବୁ ଗୁଣର ମେଧା ନଥିଲେ କେହି କେବେବି ହାସଲ କରିପାରିବେ ନାହିଁ। ଏହି କ୍ଷେତ୍ରରେ ଆପଣଙ୍କୁ ଅନ୍ୟ କେହି ଯେତେ ପ୍ରତିଭାଧାରୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ସାହାଯ୍ୟ କରିପାରିବେ ନାହିଁ। ଏହାର କାରଣ ହେଉଛି ଜଣେ ଯେତେବେଳେ କୌଣସି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି, କୌଣସି କିଛି କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେବାକୁ ବାହାରନ୍ତି ସେ କେବଳ ନିଜ ମନର ବିକାଶ ତଥା ଅଭିଜ୍ଞତା ପରିମାପ ଅନୁଯାୟୀ ଏକଥା କରିଥାନ୍ତି। ଏସବୁ କ୍ଷେତ୍ରରେ କାହାର ସାହାଯ୍ୟ ନେବାକୁ ଅପେକ୍ଷା କରିବା ଅର୍ଥ ସମସ୍ୟାକୁ ଜଟିଳ କରିବା ଏବଂ ନିଷ୍ପତ୍ତିକୁ ଅଧପନ୍ତରିଆ କରି ଛାଡ଼ିବା। ତେଣୁ ନିଜ ଭିତରେ ଏଥିପାଇଁ ଥିବା ଅନୁସର୍ଙ୍ଗିକ ଗୁଣଗୁଡ଼ିକର ବିକାଶ କରିବାକୁ ହିଁ ହେବ। ତେବେ ଯାଇ ଜଣେ ଭବିଷ୍ୟତରେ ପାରିବାରିକ, ସାମାଜିକ କ୍ଷେତ୍ରରେ ସଫଳ ହୋଇପାରିବ।



## ୟୁରୋପରେ ବଢୁଛି ଶାଳପତ୍ର ଓ କେନ୍ଦୁପତ୍ରର ଚାହିଦା



ଆମ ଓଡ଼ିଶାର ଆଦିବାସୀ ଲୋକମାନେ କେନ୍ଦୁପତ୍ର ଏବଂ ଶାଳପତ୍ରରେ ପ୍ଲେଟ ତିଆରି କରି ବଜାରରେ ବିକି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର ଏବେ ଓଡ଼ିଶା ବଜାରରେ ଏହାର ଚାହିଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗଛି। ଅନ୍ୟପକ୍ଷରେ ବିଦେଶରେ ହୋଟେଲମାନଙ୍କରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ୟୁରୋପରେ ଏହି ଶାଳପତ୍ର ଓ କେନ୍ଦୁପତ୍ର ପ୍ଲେଟରେ ଚାହିଦା ଅଧିକ ରହିଥିବା ଜଣାପଡ଼ିଛି। ୟୁରୋପର ବହୁ ବଡ଼ ହୋଟେଲମାନଙ୍କରେ ଗ୍ରାହକମାନଙ୍କୁ ଏହି ପ୍ଲେଟ୍ ସାହାଯ୍ୟରେ ଖାଦ୍ୟ ପରଷି ଦିଆଯାଉଥିବା ଜଣାଯାଇଛି।

ଶାଳପତ୍ର ଓ କେନ୍ଦୁପତ୍ରରେ ପ୍ରସ୍ତୁତ ପ୍ଲେଟରୁ କୌଣସି ପ୍ରକାର ଖରାପ ବାସ୍ନା ଆସି ନଥାଏ। ଆଦିବାସୀମାନେ ଏସବୁ ଜଙ୍ଗଲରୁ ସଂଗ୍ରହ କରି ଆଣିଥାନ୍ତି ଓ ଅଳ୍ପ ଖର୍ଚ୍ଚରେ ପ୍ରସ୍ତୁତ କରିଥାନ୍ତି ଏହି ପ୍ଲେଟ। ଏହି ପ୍ଲେଟରେ ଖାଇବା ଦ୍ୱାରା ଭିନ୍ନ ଏକ ଆନନ୍ଦ ମିଳିଥାଏ। ତେଣୁ ଏହାର ଚାହିଦା ୟୁରୋପରେ ହୋଟେଲମାନଙ୍କରେ ବୃଦ୍ଧି ପାଇବାରେ ଲାଗିଛି। ବିଦେଶରେ ଏହାର ଚାହିଦା ବୃଦ୍ଧି ପାଇବା ଦ୍ୱାରା ଆଦିବାସୀମାନଙ୍କୁ ଏବେ ସେମାନଙ୍କ ପରିଶ୍ରମ ଅନୁସାରେ ଉପଯୁକ୍ତ ପାରିଶ୍ରମିକ ମିଳିଯାଉଛି ଓଡ଼ିଶାର ପ୍ରାୟ ୧୨୭ଟି ଗ୍ରାମର ୩୫୦୦ ଆଦିବାସୀ ମହିଳା ପ୍ରତ୍ୟେକ ମାସରେ ଏକ ଜର୍ମାନୀ କମ୍ପାନୀ ପାଇଁ ବହୁ ପରିମାଣରେ ଶାଳପତ୍ର ଓ କେନ୍ଦୁପତ୍ରରେ ପ୍ଲେଟ ପ୍ରସ୍ତୁତ କରି ବିକ୍ରୟ କରୁଥିବାର ଜଣାଯାଇଛି।

**ଓଡ଼ିଶାର ପ୍ରାୟ ୧୨୭ଟି ଗ୍ରାମରେ ୨୫୦୦ ଆଦିବାସୀ ମହିଳା ପ୍ରତ୍ୟେକ ମାସରେ ଏକ ଜର୍ମାନୀ କମ୍ପାନୀକୁ ବହୁ ପରିମାଣରେ ଶାଳପତ୍ର ଓ କେନ୍ଦୁପତ୍ର ପ୍ଲେଟ ବିକ୍ରୟ କରୁଥିବା ଜଣାଯାଇଛି।**

## ପାଟିକୁ ମିଠା, ଦେହ ପାଇଁ ହିତ: ଗୁଡ଼ ଖାଇଲେ ମିଳିଥାଏ ଏହି ସବୁ ସୁଫଳ

**ଗୁଡ ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ ହୋଇଥାଏ। କାରଣ ଏଥିରେ ପ୍ରଚୁର ପରିମାଣର ମିନେରାଲ୍ସ ରହିଥାଏ। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଗୁଡ ଖାଇବା ଦ୍ୱାରା ଶରୀରକୁ କେଉଁ ସବୁ ଫାଇଦା ମିଳିଥାଏ।**

ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାନ୍ତି ତାହାଲେ ଗୁଡ଼ ଖାଇବା ଆପଣଙ୍କ ପାଇଁ ଖୁବ୍ ଲାଭକାରୀ ସାବ୍ୟସ୍ତ ହେବ। ଏହା ଆପଣଙ୍କ ଶରୀରକୁ ଶକ୍ତି ଯୋଗାଇବା ସହ ଅତିରିକ୍ତ ଚର୍ବିକୁ ହ୍ରାସ କରିଥାଏ। ଆପଣ କ୍ଷୀର ସହିତ ଗୁଡ ଖାଇବା ଦ୍ୱାରା ଶରୀରରୁ ଶୀଘ୍ର ଓଜନ ହ୍ରାସ ପାଇଥାଏ।

ଚର୍ମ ପାଇଁ ଗୁଡ ଖାଇବା ବହୁତ ଭଲ ହୋଇଥାଏ। ଏହା ତ୍ୱଚାକୁ ସୁସ୍ଥ ରଖିବା ସହିତ ଔଜଲ୍ୟକୁ ବଜାୟ ରଖିଥାଏ। ଗୁଡ ରକ୍ତରୁ ଅପରିଷ୍କାର ଟକସିନ୍‌କୁ ବାହାର କରିବାରେ ସାହାଯ୍ୟ କରିଥାଏ। ଯଦ୍ୱାରା ରକ୍ତ ପରିଷ୍କାର ହୋଇଯାଇଥାଏ।

ଗୁଡ ପେଟ ସମସ୍ୟାକୁ ଦୂର କରିବା ପାଇଁ ରାମବାଣ ସଦୃଶ୍ୟ ହୋଇଥାଏ। ଏହା ପେଟରେ ଗ୍ୟାସ ସମସ୍ୟା ଓ ପାଚନ କ୍ରିୟା ସହିତ ଜଡ଼ିତ ଅନ୍ୟାନ୍ୟ ସମସ୍ୟାକୁ ବି ଦୂର କରିଥାଏ।

ଶ୍ୱାସ ସମସ୍ୟା ଥିବା ରୋଗୀଙ୍କୁ ପ୍ରତିଦିନ ଗୁଡ଼ ଖାଇବାକୁ କୁହାଯାଇଥାଏ।



ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ। ଏଥିସହିତ ମୁଣ୍ଡବ୍ୟଥା ଓ ରକ୍ତଚାପ ଭଳି ସମସ୍ୟା ଥିଲେ, ତାହା ଗୁଡ ଖାଇବା ଦ୍ୱାରା କିଛିମାତ୍ରାରେ ନିୟନ୍ତ୍ରଣକୁ ଆସିଥାଏ।

ତେବେ ଅତ୍ୟଧିକ ପରିମାଣରେ ଗୁଡ଼ ଖାଇଲେ ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହାକୁ ସୀମା ଭିତରେ ଖାଇଲେ ଭଲ।

## ଅସରପା ବେପାର

ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ଅସରପା ଦେଖିଲେ ଛାନିଆ ହୋଇ ଯାଆନ୍ତି। ମାତ୍ର ଜର୍ମାନ୍‌ସ୍ଥିତ ଫିଚ୍‌ବେକ୍‌ର ଦମ୍ପତି ଅସରପାକୁ ନେଇ ବେପାର କରୁଛନ୍ତି। ଏଥିରୁ ସେମାନେ ଭଲ ଲାଭ କରୁଛନ୍ତି। ଘରେ ଏକ ପ୍ଲାଷ୍ଟିକ୍ ବାକ୍ସରେ ସେମାନେ ଅସରପା ରଖିଛନ୍ତି। ଗୃହପାଳିତ ସରୀସୃପଙ୍କ ଆହାର ସାଜିଛନ୍ତି ଅସରପା। ସ୍ଥାନୀୟ ଲୋକେ ମଧ୍ୟ ଅସରପା କିଣିବାକୁ ଏଠାରେ ଭିଡ ଜମାଉଛନ୍ତି। ଏହି ଦମ୍ପତି ଅସରପାଙ୍କୁ ଗହମ, ମସଲା ଆଦି ଖାଇବାକୁ ଦେଉଛନ୍ତି। ଚକୋଲେଟ୍, ଗ୍ରୀନ୍, ମାଡାଗାସ୍କର ଓ ହିସିଂ ଆଦି ୪ଟି ପ୍ରଜାତିର ଅସରପା ତାଙ୍କ ଘରେ ଅଛନ୍ତି। ଅତ୍ୟଧିକ ଥଣ୍ଡାରୁ ରକ୍ଷା କରିବାକୁ ଅସରପାଙ୍କୁ ୩୦ ଡିଗ୍ରୀ ସେଲ୍‌ସିୟସ୍‌ରେ ତାପମାତ୍ରାରେ ରଖାଯାଇଛି ବୋଲି ୫୫ ବର୍ଷୀୟା ଆଇରସ୍ ହାକର କହନ୍ତି। ଅସରପାଙ୍କୁ ବିକ୍ରି କରିବାକୁ 'ଦ କିଙ୍ଗ୍ ଅଫ୍ କକ୍ରୋଜ୍' ନାମରେ ସେମାନେ ଏକ କମ୍ପାନି ଖୋଲିଛନ୍ତି।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧର୍ମ ଓ ରାଷ୍ଟ୍ର...

ଯେକୌଣସି ଉତ୍ସବ ପାଳନ କରିବା ଆନନ୍ଦର ପ୍ରତୀକ ହୋଇଥାଏ। ପ୍ରତ୍ୟେକ ଦେଶର ପ୍ରତ୍ୟେକ ଲୋକ ଏମିତି ଏକ ଅବସରକୁ ସତେ ଯେମିତି ଚାହିଁ ବସିଥାନ୍ତି । ପରନ୍ତୁ, କିଛି ଲୋକ ଏଇ ଅବସରକୁ ନେଇ ମଧ ବିପରୀତ ଟିପ୍ପଣୀମାନ ପ୍ରଦାନ କରିଥାନ୍ତି, ଯାହା କାନକୁ କଟୁ ଶୁଭିଥାଏ । ବେଳେବେଳେ ସେମାନେ ନିଜେ ସେମାନଙ୍କ ଦ୍ୱାରା ଉଚ୍ଚାରିତ ଶବ୍ଦଗୁଡ଼ିକର ପ୍ରଭାବ ପ୍ରତି ଅସଚେତନ ଥାଆନ୍ତି, କାରଣ ସେଗୁଡ଼ିକ ଉତ୍ସବ ଅନୁଷ୍ଠାନରେ ଅଂଶଗ୍ରହଣକାରୀମାନଙ୍କ ଆନନ୍ଦ ଉଲ୍ଲାସପୂର୍ଣ୍ଣ ମନୋବସ୍ଥାକୁ ନଷ୍ଟ କରିଦେବାର ସାମର୍ଥ୍ୟ ବହନ କରୁଥାଏ । ଆଉ କେବେ କେବେ, ସେଥିପ୍ରତି ଧ୍ୟାନ ମଧ ଦିଆଯାଇ ନଥାଏ । ୨୦୨୪ ଜାନୁଆରୀ ୨୨ ତାରିଖରେ ଅଯୋଧାରେ ହେବା ପାଇଁ ସ୍ଥିର ହୋଇଥିବା ଥିବା ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ କରାଯାଇଥିବା ନିମନ୍ତ୍ରଣ ପ୍ରତି ସିପିଆଇ(ଏମ୍) ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଛି, ସେହିଭଳି ଏକ ଘଟଣା । ଘଟଣାଟି ଏମିତି- ଶ୍ରୀ ରାମ ମନ୍ଦିର ନିର୍ମାଣ କମିଟିର ଅଧକ୍ଷ ନୃପେନ୍ଦ୍ର ମିଶ୍ର ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ନିକଟକୁ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ନିମନ୍ତେ ପଠାଇଲେ ନିମନ୍ତ୍ରଣ ପତ୍ର । କିନ୍ତୁ ଦଳ ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛି ଏୟା କହି ଯେ ଧର୍ମ ହେଉଛି ଏକ ବ୍ୟକ୍ତିଗତ ରୁଚି ଏବଂ ଏହି ଯେଉଁ ଆଡ଼ମ୍ବର କରାଯାଉଛି, ତାହା ଧାର୍ମିକ ବିଶ୍ୱାସର ରାଜନୀତିକରଣ, ଯାହା ସମ୍ବିଧାନର ଭାବଧାରା ସହିତ ମେଳ ଖାଉନାହିଁ । ଅତି ସାବଧାନତାର ସହିତ ଶବ୍ଦଗୁଡ଼ିକୁ ଚୟନ କରି ଦଳ କହିଛି ଯେ ଏହାର ନୀତି ହେଉଛି 'ଧାର୍ମିକ ବିଶ୍ୱାସଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଏବଂ ସେମାନଙ୍କର ବିଶ୍ୱାସକୁ ଆଗେଇ ନେବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅଧିକାରକୁ ସମ୍ମାନ ଦେବା' ଆଉ ଏହାକୁ 'ରାଜନୀତିକ ଲାଭ ପାଇଁ ଏକ ଉପକରଣ ଭାବରେ ରୂପାନ୍ତରିତ କରାଯିବା ଉଚିତ ନୁହେଁ ।' ଦଳ ତା'ର ମତ ପ୍ରକାଶ କରି କହିଛି, ଏହାର ନୀତି ଧାର୍ମିକ ବିଶ୍ୱାସଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରିବା ଏବଂ ପ୍ରତି ବ୍ୟକ୍ତିବିଶେଷ ତାଙ୍କର ଧାର୍ମିକ ବିଶ୍ୱାସକୁ ଆଗେଇ ନେବାର ଅଧିକାରକୁ ସୁରକ୍ଷା ପ୍ରଦାନ କରିବା । ଆହୁରି ମଧ ଦଳର ବିବୃତି ଉଲ୍ଲେଖ କରିଛି ଯେ 'ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଦୋହରା ଯାଇଥିବା ଭାରତରେ ଶାସନ ବ୍ୟବସ୍ଥାର ମୌଳିକ ନୀତି ହେଉଛି, ସମ୍ବିଧାନ ଅଧୀନରେ ରାଷ୍ଟ୍ରର କୌଣସି ଧର୍ମ ପ୍ରତି ଆନୁଗତ୍ୟ ରହିବା ଉଚିତ ନୁହେଁ । ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ଆୟୋଜନ କରି କେନ୍ଦ୍ରରେ କ୍ଷମତାସୀନ ଶାସକ ଦଳ ଦ୍ୱାରା ଏହି ନୀତିର ଉଲ୍ଲଙ୍ଘନ କରାଯାଉଛି।' ଅତି ସ୍ପଷ୍ଟ ଶବ୍ଦଗୁଡ଼ିକ ଜରିଆରେ ପ୍ରଦାନ କରାଯାଇଥିବା ଏଭଳି ଏକ ବିବୃତି ଯଦି ଭାରତର ସ୍ୱାଧୀନତା ହାସଲ କରାଯିବାର ପୂର୍ବ ଦଶନ୍ଧିଗୁଡ଼ିକରେ ପ୍ରଦାନ କରାଯାଇଥାନ୍ତା, ତା'ହେଲେ ସେଥିପ୍ରତି ହୁଏତ କେହି ଧାନ ଦେଇ ନଥାନ୍ତେ, ଯେତେବେଳେ କି ଦେଶର ରାଜନୀତି କ୍ଷେତ୍ରକୁ ଧର୍ମନିରପେକ୍ଷତାର ହାୱା ଗୋଟିଏ ଦିଗରେ ଆଗେଇ ନେଉଥିଲା । ସମ୍ବିଧାନ ଏବଂ ସାମ୍ବିଧାନିକ ନୈତିକତା, ଯାହା ଉପରୋକ୍ତ ପ୍ରସଙ୍ଗର ଆଧାର ଗଠନ କରିଥାନ୍ତି, ତାହା କିନ୍ତୁ ଚିରସ୍ଥାୟୀ ନୁହେଁ। ସେଗୁଡ଼ିକ ଏକ ଗତିଶୀଳ ସମାଜର ଅବିଚ୍ଛିନ୍ନ ଅଂଶ, ଏବଂ ଭାରତୀୟ ସମ୍ବିଧାନର ପ୍ରଣେତାମାନେ ଏ ବାବଦରେ ବେଶ୍ ଭଲ ଭାବରେ ଅବଗତ ଥିଲେ । ସମ୍ବିଧାନ ପ୍ରଣୟନ ସଭାର ଅଧକ୍ଷ ଥିବା ଡକ୍ଟର ବିଆର୍ ଆମ୍ବେଦକର ସମ୍ବିଧାନ ସଭାରେ କହିଥିଲେ, 'ସମ୍ବିଧାନ ହେଉଛି ବିଭିନ୍ନ ଅଙ୍ଗ (ରାଷ୍ଟ୍ରର)ର କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ କେବଳ ଏକ ବ୍ୟବସ୍ଥା । ... ରାଷ୍ଟ୍ରର ନୀତି କ'ଣ ହେବା ଉଚିତ, ସମାଜ କିପରି ଏହାର ସାମାଜିକ ଏବଂ ଅର୍ଥନୀତିକ ଦିଗଗୁଡ଼ିକରେ ସଂଗଠିତ ହେବ ହେଉଛି, ସେହିସବୁ ବ୍ୟାପାର ଯାହା ସମୟ ଏବଂ ପରିସ୍ଥିତି ଅନୁସାରେ ଲୋକମାନଙ୍କ ଦ୍ୱାରା ସ୍ଥିର କରାଯିବା ଉଚିତ। ରାଜନୀତିକ ଦଳମାନେ ଧାର୍ମିକ ବ୍ୟାପାରଗୁଡ଼ିକ କ୍ଷେତ୍ରରେ ସେମାନଙ୍କ ନିଜକୁ ଦୂରେଇ ରଖିବେ ବା ସେସବୁରେ ସମ୍ପୃକ୍ତ ହେବେ କି ସେମାନେ ସେଥିରୁ ରାଜନୀତିକ ଫାଇଦା ଉଠାଇ ନିର୍ବାଚନୀ ବୈତରଣୀ ପାର ହେବେ, ତାହା ସେମାନଙ୍କର ବ୍ୟକ୍ତିଗତ ପସନ୍ଦର କଥା। ଏହା ହେଉଛି ରାଜନୀତିକ ରଣକୌଶଳର ପ୍ରସଙ୍ଗ ଏବଂ ଏହାକୁ ଯେ କୌଣସି ରାଜନୀତିକ ଦଳଙ୍କ ନେତାଙ୍କ ଉପରେ ଛାଡ଼ି ଦିଆଯିବା ଆବଶ୍ୟକ । କିନ୍ତୁ ସମ୍ବିଧାନ ଧର୍ମ, ରାଷ୍ଟ୍ର ଓ ରାଜନୀତି ବାବଦରେ ଯାହାସବୁ ଉଲ୍ଲେଖ କରିଛି, ସେସବୁ ଲୋକମାନଙ୍କୁ ମନେ ପକାଇ ଦେବାର ଆବଶ୍ୟକତା ରହିଛି । ଅନ୍ୟଥା ରାଷ୍ଟ୍ରର ପ୍ରକ୍ଷେପକକୁ ଯାହା ନିର୍ଦ୍ଧାରଣ କରିବ, ସେହି ନୀତିଗୁଡ଼ିକୁ ସ୍ଥିର କରିବା ବେଳେ ପିଢ଼ି ପରେ ପିଢ଼ି ଏ ସମ୍ପର୍କିତ ସୂତ୍ରଗୁଡ଼ିକ ବାବଦରେ କଦାଚିତ୍ ଜାଣି ପାରିବେ । କହିବା ବାହୁଲ୍ୟ, ସିପିଆଇ(ଏମ୍) ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦାନ ନ କରିବାକୁ ଯାଇ ଯେଉଁ ବିବୃତି ପ୍ରଦାନ କରିଛି, ତାହା ଆମ ସମସ୍ତଙ୍କୁ ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ଉଲ୍ଲେଖ ସମ୍ପର୍କରେ ସ୍ମରଣ କରାଇ ଦେଇଛି, ଯାହା ବିନା ଏହାକୁ କ୍ୱଚିତ୍ କେହି ମନେ ରଖିପାରିଥାନ୍ତେ।

## ବିଦାୟୀ ବର୍ଷର ସ୍ମୃତି ଅନୁଭୂତି

### ଡକ୍ଟର ଲକ୍ଷ୍ମଣ ସାହୁ



ବିଗତ ବର୍ଷଗୁଡିକର କ୍ୟାଲେଣ୍ଡର ବଦଳି ଯାଇଥିଲେ ବି ଯେମିତି ସମାଜ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ସେମିତି ସମସ୍ୟାର ବଳୟ ଭିତରେ ମଣିଷ ଅଣନିଃଶ୍ୱାସୀ ହୋଇ ପଡୁଛି । ଜଣାପଡୁଛି ଯେ ହିଂସା କେବଳ ଭୟ, ଅସତ୍ୟ ଓ ଆକ୍ରୋଶର ପ୍ରାଧାନ୍ୟ ଦେଇନାହିଁ, ବରଂ ନିଜର ବୈଧତା ହାସଲ କରୁଛି । ଏହା ସତ୍ତ୍ୱେ ଚମତ୍କାର ଢଙ୍ଗରେ, ଦ୍ରୁତ ଗତିରେ କାୟା ବିସ୍ତାର କରିଛି । ବିଗତ ଦିନଗୁଡ଼ିକୁ ଅନୁଶୀଳନ କଲେ ଉଭୟ ସମାଜ ତଥା ପ୍ରଶାସନ ସ୍ତରରେ ଏସବୁ ଅଧିକ ମାତ୍ରାରେ ଦେଖାଯାଉଛି । ମହାତ୍ମା ଗାନ୍ଧୀ ହିଂସା, ମିଥ୍ୟା, ଅନ୍ୟାୟ, ଦୁର୍ନୀତି, ଅସତ୍ୟ, ଅନିଚ୍ଛା, ଜାତି ଭେଦ ଆଦି ବାରଣକୁ ଶତ୍ରୁତା ଭାବରେ ବ୍ୟାଖ୍ୟା କରିଛନ୍ତି । ଏସବୁ କିଛି ହିଂସା ରୂପରେ ଧରାଯାଇଥିଲା । ବିଶ୍ୱ ପାଇଁ ଯାହା ମଙ୍ଗଳମୟ ତାହା ମୌଳିକ ଅଧିକାର ଯୁକ୍ତ କରିବା ପାଇଁ ପ୍ରସ୍ତୁତ ଚାଲିଥିବା ବେଳେ ହିଂସାକାଣ୍ଡକୁ ତଥାକଥିତ କେତେକ ବ୍ୟକ୍ତି ଗ୍ରହଣ କରନ୍ତି, ଯାହା ସାମାଜିକ କ୍ଷେତ୍ରରେ ବିଡ଼ମ୍ବନା ।

ସମାଜ ସମୟର ସ୍ରୋତରେ ମୁଖରିତ। ଶାରୀରିକ ଓ ଭାବପ୍ରବଣତାରେ ଅନେକ ପ୍ରକାରର ହିଂସା ସୃଷ୍ଟି ହୋଇଛି । ହିଂସା, ଶକ୍ତି, କ୍ଷମତା ଓ ଅର୍ଥର ଗର୍ବରେ ମଣିଷ ସବୁଠାରୁ ହିମାଳୟର ଶୀର୍ଷରେ ଠିଆ ହୋଇଛି । ଫଳତଃ କ୍ରମାଗତ ବେକାରୀ, ଦାରିଦ୍ର, ଅତ୍ୟାଚାର ଓ ନିରାଶାରୁ ଉତ୍ପନ୍ନ ହିଂସା ସମାଜକୁ ତଳିତଳାନ୍ତ କରୁଛି । ଅନେକ ସମୟରେ ପୋଲିସର ଆଚରଣ ବିରୁଦ୍ଧରେ ସାଧାରଣ ନାଗରିକ ମାନଙ୍କ କ୍ରୋଧ ଦେଖିବାକୁ ମିଳେ। ହିଂସା ଉପୁଜିଥିବା କାରଣ ଗୁଡିକ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ହେଉ କି ବିଚ୍ଛିନ୍ନତା କାରଣରୁ ହିଂସାର ଉତ୍ପତ୍ତି ଘଟିଥାଏ । ଅନେକ ସମୟରେ ପାରିବାରିକ ସମ୍ପତ୍ତି ପାଇଁ ବା ପରିବାରରେ କାହାର ପ୍ରାଧାନ୍ୟତାକୁ ନେଇ ହିଂସା ଘଟେ । ଗୋଟିଏ ପରିବାର ମଧ୍ୟରେ ଥାଇ ମଧ ଭାତୃ ବିବାଦ ଘଟେ। ଏକଥା ଭୁଲି ଯାଉଛେ ଯେ, କୌଣସି ଜିନିଷ ଯେତେ ବି ମୂଲ୍ୟବାନ ହେଉ, ପରେ ତାର ବିକଳ୍ପରେ ଆଉ କିଛି ମିଳି ଯାଇ ପାରେ, କିନ୍ତୁ ମଣିଷ ଥରେ ନିଜର ଲୋକଙ୍କୁ ହଜେଇ ଦେଲେ ଯୋଉ କ୍ଷତି ଘଟେ ସେ କେବଳ କ୍ଷତି... ଯାହା କେବେ ଭରଣା କରିହେବ ନାହିଁ ।

ସେଭଳି କେତେକ ଅନୁଷ୍ଠାନର ଅନୈତିକ କାର୍ଯ୍ୟକଳାପ, ଅନୋପଚାରିକ ନୀତି ଯୋଗୁଁ ଅନୁଷ୍ଠାନଟି ଭାଙ୍ଗି ଯାଏ। ଏପରିକି ତା'ର ପତନର ସୀମାକୁ ଆସେ କେବେ କହି ହେବ ନାହିଁ । କେବଳ ଏତିକି ନୁହେଁ, ରାଜନୈତିକ, ପ୍ରଶାସନିକ କ୍ଷମତା ଓ ଅର୍ଥ ବଳ, ବାହୁବଳ ବ୍ୟବହାର କରି ମିଥ୍ୟା ମାମଲା ଦାଖଲ କରିବା ମଧ ଏକ ପ୍ରକାର ହିଂସା । ଏଭଳି ଅପପ୍ରୟୋଗବାଦୀ ହିଂସା ସମାଜକୁ ପ୍ରତିଶୋଧ ଆଡ଼କୁ ଠେଲିଦିଏ । ଏକଥା ସତ୍ୟ ଦୁର୍ନୀତି ସର୍ବଦା ହିଂସା ରୂପ ଧାରଣ କରି ଆସୁଛି । ବ୍ୟକ୍ତିଗତ ସଂପର୍କରେ ସନ୍ଦେହ ଆଧାରରେ ଛୋଟ ଛୋଟ ଜିନିଷ ଉପରେ ଜୀବନ ନେବା, ପିଟିବା ଓ ହତ୍ୟା ଭଳି ଘଟଣା ବର୍ତ୍ତମାନ ଉତ୍କଟ ରୂପ ନେଉଛି । କୌଣସି ପ୍ରକାରର ଏଭଳି ହିଂସା, ସମାଜର ବିକାଶ ଓ ପ୍ରଗତିରେ ବାଧା ସୃଷ୍ଟି କରେ ।

ଗଣତନ୍ତ୍ରର ସମୃଦ୍ଧତା, ମାନବର ବିକାଶ, ସାମଜିକ ସମାନତା ଇତ୍ୟାଦି ବିଶ୍ୱର ସୂଚକାଙ୍କରେ ଦେଶ ଏକ ନିମ୍ନ ସ୍ତରରେ ରହିଛି ବୋଲି କହିବା ଭୁଲ ହେବ ନାହିଁ । ଯେଉଁ ପ୍ରକାର ହିଂସାତ୍ମକ ଘଟଣା ଦେଖାଦେଇଛି, ତାହା ଅଧିକ ଗମ୍ଭୀର । ଉଦାହରଣ ସ୍ୱରୂପ ପ୍ରାଥମିକ ସ୍ତରରୁ ରାଜନୈତିକ କ୍ଷେତ୍ରକୁ ଦୃଷ୍ଟି ଦେଲେ ତାହା ସ୍ପଷ୍ଟ ହେବ । ଅସାମାଜିକ ବିକୃତ ମାନସିକତାର ବ୍ୟକ୍ତି ଦ୍ୱାରା ବା ସଭ୍ୟ ବୋଲାଉଥିବା ତଥାକଥିତ ଦୁର୍ନୀତି ଖୋର ଉଚ୍ଚ ପଦସ୍ଥ ବାବୁ ବା ରାଜନୈତିକ ନେତାଙ୍କ କାମନାର ଚରିତାର୍ଥ ପାଇଁ ଦେଶରେ ଅହର୍ନିଶି ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାମାନ ବଢୁଛି । ଯାହାକୁ କେବେ ଅସ୍ୱୀକାର କରାଯାଇପାରେନାହିଁ । ଏହା ଦ୍ୱାରା ମହିଳାମାନଙ୍କର ସମ୍ମାନ କେବଳ ନୁହେଁ ଦେଶର ସମ୍ମାନ ନଷ୍ଟ ହେଉଛି । ଦେଶରେ ନିର୍ବାଚନ ହିଂସା ପ୍ରତିହତ କରିବା ସମ୍ଭବ ହେଉନାହିଁ । ଗଣତନ୍ତ୍ର ଆଇନ ଓ ଶୃଙ୍ଖଳା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି । ଏକ ଆଧାତ୍ମିକ ଶାନ୍ତି ପ୍ରେମୀ ସମାଜ ଗଠନ ସମ୍ଭବ ହୋଇ ପାରିଲା ନାହିଁ ।

ଆତଙ୍କବାଦ ବିଷୟରେ କହିବାକୁ ଗଲେ ଆଜି ଏହି ସମସ୍ୟା ବିଶ୍ୱବ୍ୟାପୀ ହିଂସା କାରଣରୁ ସୃଷ୍ଟି ହୋଇଛି । ଏହି ଆତଙ୍କବାଦ ଅତ୍ୟନ୍ତ ଭୟାନକ ରୂପରେ ବିଦ୍ୟମାନ ଅଛି। ବିଶ୍ୱର ଅଧିକାଂଶ ଦେଶ ଏହାର ଶିକାର ହେଉଛନ୍ତି । ପ୍ରଶ୍ନ ହେଉଛି ଆତଙ୍କବାଦ କେବଳ ବଳ କଷାକଷି ଶକ୍ତି ଦ୍ୱାରା ଶେଷ ହୋଇପାରିବ କି ନାହିଁ ? ଏକ ଚତୁର ଉତ୍ତର ହେଉଛି ଯେ, ଯଦି ସବୁ ଦେଶ ଆତଙ୍କବାଦୀ ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଅଭିଯାନ ଚଳାଉଛନ୍ତି, ତେବେ ଅପରାଧ ଶେଷ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି ବା କିପରି ? ଅସଲରେ ବିଶ୍ୱ ଆତଙ୍କ ବାଦ ବିପକ୍ଷରେ ସଂଗଠିତ ଦେଶ ମଧ୍ୟରୁ ଅନେକ ଆତଙ୍କବାଦୀମାନଙ୍କ ହାତର ଖେଳନା ଅଟନ୍ତି । ଫଳତଃ ଆତଙ୍କବାଦୀମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଭାରତ ଏକ ବହୁ-ସାଂସ୍କୃତିକ ରାଷ୍ଟ୍ର। ବର୍ତ୍ତମାନ ଯୁଗରେ ଆମ ସଂସ୍କୃତି ଓ ବାହ୍ୟ ସଂସ୍କୃତିର ଏତେ ଗୁରୁତ୍ୱପୂର୍ଣ୍ଣ ଓ ଗମ୍ଭୀର ଦିଗ ଆଡ଼କୁ କେବେ ଗତି ମୁଖର ହୋଇ ନଥିଲା, ଯେପରି ସେମାନେ ମୋଟାମୋଟି ଦେଖାଯାଉଛନ୍ତି । ଗଣମାଧ୍ୟମ ଏହି ଦିଗଗୁଡିକ ଉପରେ ଅଧିକ ଧ୍ୟାନ ଦେଉଥିବା ପରି ମନେହୁଏ । ଦେଖାଯାଏ ଯେ ଅନେକ ବ୍ୟକ୍ତି ବା ଗୋଷ୍ଠୀ ସେମାନଙ୍କର କ୍ରୋଧକୁ ଦମନ ନକରି ନିଜର କରି ଧରି ରଖିଛନ୍ତି । ଆକ୍ରୋଶ ଉପସ୍ଥାପନ କରିବାର ପରମ୍ପରା ଗୋଷ୍ଠୀରେ ହିଂସାର ଉପସ୍ଥିତି ବିଷୟରେ ସୂଚାଇଥାଏ । ସେମାନଙ୍କ ଚିନ୍ତାଧାରା, ଆଲୋଚନା ଓ କାର୍ଯ୍ୟକଳାପରେ ଗ୍ରହଣୀୟତା ଉତ୍ପନ୍ନ ହୁଏ । ଏହା ସେମାନଙ୍କର ନିଜସ୍ୱ ମୁଖ୍ୟାଂଶ ଅଟେ । ସମ୍ଭବତଃ ଯେଉଁଥିରେ ଏହି ଦିଗଟି ସେମାନଙ୍କ ପାଇଁ ସହନଶୀଳତାର ମୂଲ୍ୟ ବାହାରେ। କେତେକ ଅନ୍ୟ ଉପରେ ଅଯଥା କ୍ରୋଧାନ୍ୱିତ ହୋଇ ଆକ୍ରୋଶ ରଖି ନିଜର ଶ୍ରେଷ୍ଠତା ପ୍ରମାଣ କରନ୍ତି । ଅନ୍ୟ ଗୋଷ୍ଠୀକୁ କେହି ସମର୍ଥନ କରିନ୍ତି ନାହିଁ । ଏଭଳି ଗୋଷ୍ଠୀ ଅଳ୍ପ ସମୟ ପାଇଁ ପ୍ରଭାବଶାଳୀ ହୁଏ ସତ, କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ତାହା ସ୍ଥିର ହୋଇପାରନ୍ତି ନାହିଁ । ତାଙ୍କର ନିଜସ୍ୱ ଗୋଷ୍ଠୀ ବିଶ୍ୱାସ କରିବା ଆରମ୍ଭ କରନ୍ତି ଯେ ଆକ୍ରୋଶ ଓ ହିଂସାତ୍ମକ ପ୍ରତିକ୍ରିୟା ତାଙ୍କ ଗୋଷ୍ଠୀର ବା ନିଜର କୌଣସି କ୍ଷତି କରିପାରେ ନାହିଁ, କିନ୍ତୁ ଏହା କହିଲେ ଚଳିବ ନାହିଁ । ବରଂ ଉଭୟ ଗୋଷ୍ଠୀଙ୍କ କ୍ଷତି ଘଟିଥାଏ ।

ଏକ ବିକଶିତ ଗଣତନ୍ତ୍ରରେ ବିରୋଧ ଓ ଅସନ୍ତୋଷ ଯେ କୌଣସିଠାରେ ନାଗରିକଙ୍କ ମୌଳିକ ଅଧିକାର ଅଟେ । ସେମାନଙ୍କର ଏହି ଅଧିକାରକୁ ସୁରକ୍ଷା ଦେବା ରାଜ୍ୟ ତଥା ପ୍ରଶାସନର ଦାୟିତ୍ୱ । କିନ୍ତୁ ଦୋଷୀମାନଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ ନକରି ପୁରସ୍କାର ଦେବା ଉପରେ ଯେଉଁଠି ଚିନ୍ତା କରିଯାଏ, ସେଭଳି ରାଜ୍ୟ ପ୍ରଶାସନ ଠାରୁ କ'ଣ ବା ଆଶା କରାଯାଏ । ଏସଂପର୍କରେ ଥରେ ଅମୃତ୍ୟ ସେନ୍ କହୁଥିବା ଏଭଳି ଘଟଣାଗୁଡ଼ିକୁ ଦେଖି କହିଛନ୍ତି ଯେ ଦେଶରେ ଆଲୋଚନା କମ୍ ହେଉଛି । ବର୍ତ୍ତମାନର ଘଟଣା ଗୁଡ଼ିକରେ ମଧ ଏହା ଘଟିଥିବାରୁ ଏହାକୁ ଅସ୍ୱୀକାର କରାଯାଇ ପାରିବନାହିଁ । ଏହା ଏକ ବିଡମ୍ବନାର ବିଷୟ ଯେ ଗାନ୍ଧିଜୀଙ୍କ ଅହିଂସା ନୀତି ଓ ନେଲସନ ମଣ୍ଡେଲାଙ୍କ ସତ୍ୟ ଓ ଅହିଂସାର ମୂଲ୍ୟ ଆମ ଦେଶରେ ବଞ୍ଚିତ ହେଉଛି । ଗାନ୍ଧୀ ଓ ନେଲସନ ମାଣ୍ଡେଲାଙ୍କ ବିରୋଧରେ ବିଶ୍ୱ ସଂଗ୍ରାମ ଇତିହାସରେ କିଏ ମୃତ୍ୟୁ ପଥର ବୋଲି ବିଶ୍ୱାସ କରିବାକୁ ସୁବର୍ଣ୍ଣରେ ପରିଣତ କରେ ଓ ସକ୍ରିୟ ପରିବାର ଗୋଷ୍ଠୀ ଏହାକୁ ବିରୋଧ କରନ୍ତି । ଆମେ ପ୍ରତ୍ୟେକ ନାଗରିକ ବ୍ୟକ୍ତିବିଶେଷଙ୍କ ଜୀବନ ଶୈଳୀରେ ନ୍ୟାୟ ଓ ସମାନତାର ମୂଲ୍ୟ ଦେଇ ନାହୁଁ ? ପ୍ରଦତ୍ତ ଆକ୍ରୋଶ ମୂଳକ ହିଂସା ଉପରେ ଚାଲିଛେ। ବିନୟ ଓ ନମ୍ରତା ସଂପୃକ୍ତ ସଂରଚନା ଉପରେ ଭାରୀ ହୋଇଛି । କ'ଣ କରିବା ଉଚିତ, ଯାହା ଦ୍ୱାରା ଏହାକୁ ହଟାଇ ଜଣେ ସଚ୍ଚୋଟ ଭାରତୀୟ ହୋଇପାରିବ। କେଉଁ ବିକଳ୍ପଗୁଡ଼ିକ ସମାଜକୁ ହିଂସାତ୍ମକ ଦିଗରୁ ମୁକ୍ତ କରିବାରେ ସହାୟକ ହୋଇପାରେ ? ଥରେ ଭାବିବା ଉଚିତ ଯେ ଏକ ସୁସ୍ଥ ସମାଜ ନିମନ୍ତେ ସମସ୍ତଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ? ଗୋଟିଏ ଦେଶ ବା ରାଜ୍ୟର ଏକ ସୁଦୀର୍ଘ ସୁଦୃଢ ସୁନ୍ଦର ସଂସ୍କୃତି ସମାନ ହେବା ପାଇଁ କିଭଳି ଉଦ୍ୟମ କରିବା ଉଚିତ୍ ସମାଜର ଉନ୍ନତି ପାଇଁ ସାମୂହିକ ଭାବେ ଧ୍ୟାନ ଦେବାକୁ ସତେ ଯେମିତି ଉପଯୁକ୍ତ ପାଣିପାଗର ଆବଶ୍ୟକତା ଅଛି । ଏକଥା କେବେ କେହି କେବେ ଅସ୍ୱୀକାର କରିବେ ନାହିଁ।

ଜାତୀୟ ଏକୀକରଣ ଜାତୀୟ ଅଖଣ୍ଡତାର ଭାବନା ଭାରତୀୟ ସଂସ୍କୃତିର ମୂଳ ସ୍ଥାନ ପାଲଟିଛି । ଏଥିପାଇଁ ଆମର ପୂର୍ବପୁରୁଷ ମାନଙ୍କ ଅବଦାନ ଅତୁଳନୀୟ। ଜାତୀୟ ଏକତା ବଜାୟ ରଖିବା ପାଇଁ ସେମାନେ ନିଜ ଜୀବନକୁ ମଧ ବଳି ଦେଇଥିଲେ । ଜାତୀୟ ଏକତା ଓ ଅଖଣ୍ଡତା ହେଉଛି ଭାରତର ଶକ୍ତି । ଏହି ଶକ୍ତି ଆମକୁ ଅନନ୍ୟ ଓ ଅବିସ୍ମରଣୀୟ କରିଥାଏ । ବୃହତ ରାଷ୍ଟ୍ର ଭାରତ ନିଜର ଜାତୀୟ ଅଖଣ୍ଡତାର ଶକ୍ତିରେ ବିଶ୍ୱର ମୁଖ୍ୟ ହେବାକୁ ଯାଉଛି । ଜାତୀୟ ଅଖଣ୍ଡତାର ଅନୁଭବ ହେଉଛି ଅନନ୍ତ ଆତ୍ମା । ଆମ ସଂସ୍କୃତି ଭାରତକୁ କେବଳ ଭୌଗଳିକ ଏକକ ଭାବରେ ଗ୍ରହଣ କରିନାହିଁ । ସେ ଏହାକୁ 'ମାତା' ବୋଲି ଗ୍ରହଣ କରେ। ଜଣେ ମାତା ଭାବରେ ତାଙ୍କୁ ସମ୍ମାନିତ କରାଯାଇଛି, ପୂଜା କରାଯାଇଛି ଓ ସୁରକ୍ଷା ଦିଆଯାଇଛି । ଆମର ପିତୃପୁରୁଷମାନେ ଏହାକୁ ମାତୃତ୍ୱ ରୂପେ ଗ୍ରହଣ କରିଛନ୍ତି । ଏଥି ସହିତ ସେମାନେ ଏହାର ସୁରକ୍ଷା ପାଇଁ ସର୍ବଦା ସଂକଳ୍ପବଦ୍ଧ ହୋଇଛନ୍ତି । ଜାତୀୟ ଅଖଣ୍ଡତା ହେଉଛି ଆମର ପ୍ରଗତିର କାରଣ। ଯେତେବେଳେ ଦେଶ ପୂର୍ବରୁ ପଶ୍ଚିମ ଓ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବନ୍ଧା ହୁଏ, ସେତେବେଳେ ଆମେ କେବଳ ଦେଶକୁ ଆଗକୁ ନେଇପାରିବା । ଜାତୀୟ ଅଖଣ୍ଡତା ମଧ ଆମ ସମସ୍ତଙ୍କ ନିର୍ଭୀକତାର କାରଣ । ଆମେ କେବଳ ଜାତୀୟ ଅଖଣ୍ଡତାର ଶକ୍ତି ଉପରେ ଆମର ଶତ୍ରୁ ମାନଙ୍କୁ ଦୃଢ ଭାବରେ ଦମନ କରିବାର ବେଳ ଆସିଛି । ହିଂସାକୁ ପରିହାର କରି ଅହିଂସା ମାର୍ଗରେ ଆଗେଇ ଯିବାକୁ ହେବ ।

ରାଷ୍ଟ୍ର କେବଳ ବନ୍ଧନ ଦ୍ୱାରା ଅଖଣ୍ଡତା ଓ ଏକତାର ସୂତ୍ରରେ ବନ୍ଧା ହୋଇପାରିବ। ଆମେ ସମସ୍ତଙ୍କ ଏହି ଅନୁଭବ ଜାଗ୍ରତ ହେବା ଆବଶ୍ୟକ । ସ୍ୱାଧୀନତା ପରବର୍ତ୍ତୀ ସମୟରେ, ଯେତେବେଳେ ଆମର ଜାତୀୟ ଏକତା ଓ ଅଖଣ୍ଡତା ଉପରେ ପ୍ରଶ୍ନ ଚିହ୍ନ ରହିଥିଲା, ସେତେବେଳେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏହାର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଶ୍ରଦ୍ଧା ସହକାରେ ଭାରତ'ର ମହାନ ସ୍ୱପ୍ନକୁ ସାକାର କରିବା ପାଇଁ ନିଜର ସମସ୍ତ ଶକ୍ତି ସହିତ କାର୍ଯ୍ୟ କରିଥିଲେ । ସେ ବିଭିନ୍ନ ରାଜ୍ୟର ରାଜାଙ୍କୁ ଏକତ୍ରିତ କରି ମୋତି ପରି ଝଲସି ଥିବା ଏକ ସୁନ୍ଦର ମୁକୁଟ ଭାରତ ମା'ର ମୁଣ୍ଡରେ ବାନ୍ଧି ଦେଶ ଗଠନ କରିଥିଲେ । ସେ କହୁଥିଲେ, 'ଏକତା ଆଉ କୌଣସି ଶକ୍ତି ବଡ଼ ନୁହେଁ। ଯେପର୍ଯ୍ୟନ୍ତ ଏହା ଏକ ସଠିକ୍ ଉପାୟରେ ଏକତ୍ରିତ ହୋଇ ଏକଜୁଟ ହୋଇନାହିଁ, ସେ ପର୍ଯ୍ୟନ୍ତ ଦେଶ ପରାଧିନତା ଭିତରୁ ମୁକ୍ତ ହୋଇ ପାରିବ ନାହିଁ । ଆଜି ଆମକୁ ସେହି ଏକତାର ଆତ୍ମା ସହିତ ଆଗକୁ ବଢ଼ିବାକୁ ହେବ । ହିଂସା, ଆତଙ୍କବାଦ, ଅସତ୍ୟ, ଅନ୍ୟାୟ, ଅତ୍ୟାଚାର, ବଳାତ୍କାର ଭଳି କୁତ୍ସିତ ଭାବନା ଦ୍ୱାରା ଦେଶର ପ୍ରଗତି କେବେ ବଢ଼ିପାରେ ନାହିଁ, ବରଂ ଦେଶକୁ ରସାତଳ ଗାମୀ କରେ ।

ଥରେ ମାତ୍ର ଭାବିବାକୁ ହେବ ଏ ଜୀବନଟା ବହୁତ ଛୋଟ କାଲି କି ଆମ ଭିତରୁ କିଏ ଯେ ଚାଲିଯିବ ତା'ର କିଛି ସ୍ଥିରତା ନାହିଁ । ତେଣୁ ଗର୍ବ, ଅହଂକାର, ଘୃଣା, ଇର୍ଷା, କପଟ ଆଦି ଦୁର୍ଗୁଣ ଗୁଡ଼ିକୁ ତ୍ୟାଗ କରି ଅନ୍ୟର ଅର୍ଥାତ୍ ଦେଶର ଉପକାର କରିବା ଉଚିତ୍ । ଯେଉଁଠିରେ ଅହେତୁକ ଆନନ୍ଦ ଅଛି, ଶାନ୍ତି ଅଛି, ମୁକ୍ତି ଅଛି । ଯେବେ ଅନ୍ଧକାର ଘୋଟି ଆସେ, ତୁମେ ଆଲୋକର ସ୍ରୋତ ହୋଇ ଆସ... ଏହାହିଁ ହେଉ ନୂତନ ବର୍ଷ-୦୨୪ର ଆଗମନ..!!!


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪

ମୋ : ୯୦୪୦ ୧୫୧୪ ୭୫


## ଜୀବନର ସର୍ବୋତ୍ତମ ଶିକ୍ଷା

### ଶୁଭସ୍ମିତା ସାମଲ



ମା'ଅମୃତାନନ୍ଦମୟୀଙ୍କୁ ଥରେ ଜଣେ ପ୍ରଶ୍ନ କରିଥିଲେ, ମା'ଜୀବନରେ କେଉଁ ସର୍ବୋତ୍ତମ ଶିକ୍ଷାକୁ ଆମେ ଜାଣିବା ଦରକାର ? ମା'ତାଙ୍କ ଉତ୍ତରରେ କହିଲେ, ଜୀବନର ସର୍ବୋତ୍ତମ ଶିକ୍ଷା ହେଉଛି - ସମ୍ପୂର୍ଣ୍ଣ ଅନାସକ୍ତ ମନୋଭାବ ନେଇ ସଂସାରରେ ଆସକ୍ତ ହୋଇ ରହ। ଶିଷ୍ୟକୁ ସେ ପୁଣି କହିଲେ, ତୁମ ଇଚ୍ଛାନୁସାରେ ଆସକ୍ତ ଓ ଅନାସକ୍ତ ହୋଇ ରହି ସଂସାରରେ ଆଗେଇ ଚାଲ। ଦେଖ, ଯାତ୍ରା କାଳରେ ଯେତେ ଅଧିକ ବୋଝ ଧରିବ, ସେତେ ଅଧିକ କଷ୍ଟପାଇବ। ଫଳରେ ତୁମ ଯାତ୍ରା ଆରାମଦାୟକ ହେବନାହିଁ। ଠିକ୍ ସେହିପରି ଅଧିକ ବାସନା, କାମନା, ଆସକ୍ତି ତୁମ ମନର ସମସ୍ତ ଶାନ୍ତିକୁ ହରଣ କରିନେବ। ଏପରିକି ମହାନ ମହାନ ସମ୍ରାଟ, ଶାସକ ଓ ଏକଛତ୍ରବାଦୀମାନେ ମଧ ତାଙ୍କ ଜୀବନର ଅନ୍ତିମ କାଳରେ ଅଧିକ ବୋଝ ସାଙ୍ଗରେ ନେବା ଯୋଗୁଁ କଷ୍ଟ ପାଇଥାନ୍ତି। ଯଦି ତୁମେ ସଂସାର ପ୍ରତି ଅନାସକ୍ତ ରହିଥିବ, ତେବେ ଶେଷ ଅବସ୍ଥାରେ ବା ମୃତ୍ୟୁ କାଳରେ ତୁମେ କଷ୍ଟ ପାଇବନି। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବ। ଏହା କହି ମା' ସତ୍ୟ ଉପରେ ଆଧାରିତ ଗପଟିଏ କହିଲେ।

ବୀର ଆଲେକ୍‌ଜାଣ୍ଡାର ପୃଥିବୀର ଏକ ତୃତୀୟାଂଶକୁ ଅଧିକାର କରିଥିଲେ। ସେଥିରେ ସେ ସନ୍ତୁଷ୍ଟ ନହୋଇ ସାରା ପୃଥିବୀକୁ ନିଜ ଅଧିକାରକୁ ଆଣି ଅକ୍ତିଆର କରିବାକୁ ଆଶା ପୋଷଣ କରିଥିଲେ; କିନ୍ତୁ ଦୁର୍ଭାଗ୍ୟକୁ ଅବସ୍ଥାରେ ପଡ଼ି ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ ହୋଇ ମୃତ୍ୟୁକୁ ଅପେକ୍ଷା କରି ରହିଲେ। ଏମିତି ଥିଲା ଯେ ସେ ଶେଷାବସ୍ଥାରେ ଗୋଟିଏ ଯୁଦ୍ଧରେ ପରାଜିତ ହେଲେ। ତାଙ୍କର ମୃତ୍ୟୁର ଅବ୍ୟବହିତ କାଳରେ ସେ ତାଙ୍କର ମନ୍ତ୍ରୀ ଓ ସେନାପତିମାନଙ୍କୁ ଡକାଇ ତାଙ୍କୁ କିପରି କବର ଦିଆଯିବ, ସେ କଥାଟିକୁ ବିଶଦ୍ ବର୍ଣ୍ଣନା କରି ଶୁଣାଇଲେ। ସେ କହିଲେ ତାଙ୍କ ଶବାଧାରରେ ଦୁଇପଟେ ଦୁଇଟି ବଡ଼ କଣା ରଖାଯିବ। ସେଇ କଣାବାଟେ ତାଙ୍କର ଦୁଇ ହାତକୁ ଦୁଇ ପଟେ ଝୁଲାଇ ଦିଆଯିବ। ତାଙ୍କ ଦି ହାତର ପାପୁଲି ତଳ ମୁହାଁ ହୋଇ ରହିବ। ମନ୍ତ୍ରୀମାନେ ଏପରି କରିବାର କାରଣ ପଚାରିବାରୁ ଆଲେକ୍‌ଜାଣ୍ଡର କହିଲେ। ଏପରି କରିବା ଦ୍ୱାରା ସମସ୍ତେ ଜାଣିବେ ଯେ ଯେଉଁ ଆଲୋକ୍‌ଜାଣ୍ଡାର ସାରା ଜୀବନ ରାଜ୍ୟ ପରେ ରାଜ୍ୟ ଅଧିକାର କରି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଥିଲେ; ମୃତ୍ୟୁପରେ ତାକୁ ଖାଲି ହାତରେ ସଂସାରରୁ ବିଦାୟ ନେବାକୁ ପଡ଼ିଲା। ସେ ନିଜର ପ୍ରାଣପ୍ରିୟ ଶରୀରକୁ ମଧ ସାଙ୍ଗରେ ନେଇ ପାରିଲାନି। ତେଣୁ ସମସ୍ତେ ଜାଣିବେ ଯେ ସଂସାର ଓ ତନ୍ମଧ୍ୟରେ ଥିବା ସମ୍ପତ୍ତି ପଛରେ ଦୌଡ଼ିବା ନିରର୍ଥକ ଅଟେ। ଏ କଥାଟି କହି ମା'କହିଲେ, ଶେଷରେ ଆମକୁ ଖାଲି ହାତରେ ଫେରିଯିବାକୁ ହେବ। ତେଣୁ ସଂସାରରେ ଅନାସକ୍ତ ଭାବରେ ରହିବା ହିଁ ସବୁଠାରୁ ବୃହତ୍ତମ ଶିକ୍ଷା। ବ୍ୟାସକବି ଫକୀରମୋହନ କହିଛନ୍ତି - 'କଳେ ହେଁ ଯତନ ସ୍ଥିର ନୁହେଁ ମନ ସର୍ବଦା ଚଳଚଞ୍ଚଳ, ତୁଚ୍ଛ ଧନ ପାଇଁ ମନ ଅଛି ଧାଇଁ ପାର୍ଥିବ ସୁଖେ ପାଗଳ।'


ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ,
ଚଣ୍ଡୀଛକ, କଟକ


## କବିତା କୋଣାର୍କ

### ଗାଅ ମଧୁଝରା ଗୀତରେ

#### ଅଶୋକ କୁମାର ପ୍ରଧାନ



ନୂଆ ବରଷ ମୁଁ ନୂଆ ଆଶା ନେଇ
ଆସିଛୁ ତୁମରି ପାଖକୁ
ଏକ ମନ ହୋଇ ସଭିଏଁ ଶୁଣରେ
ମୋ ସେନେହ ବୋଲା ଡାକକୁ।
କଥା ମୋ ରଖିବ ଭୁଲି ଯିବ ନାହିଁ
ଗତ ବରଷର ପରିକା
ସଭିଙ୍କୁ ସେନେହ ଆଦର କରିବ
ଏହା ଜୀବନର ତରିକା।
ରାଗ ହିଂସା ବାଦ ଛେଦ ମନୁ ଭୁଲି
ସଭିଙ୍କୁ ନିଜର କରିବ
ଭାଇଚାରା ଭାବେ ସଭିଙ୍କୁ ଯୋଡିବା
ଏ ନୂଆ ସୂତ୍ରଟି ଧରିବ।
ନାରୀ ନିର୍ଯାତନା ହତ୍ୟା ବିଭୀଷିକା
ନ ହେବ ଯେମିତି ଧରାରେ
ସଭିଙ୍କୁ ସମ୍ମାନ କରିବା ଶିଖିଲେ
ପୂଜନୀୟ ହେବ ପରାରେ।
ପଶୁପକ୍ଷୀ କୀଟ ପତଙ୍ଗ ସଭିଙ୍କୁ
ସଦା ଆପଣାର ଭାବିବ
ତେବେ ସିନା ଏଇ ସୁନ୍ଦର ମହୀରେ
ସୁଖଶାନ୍ତି ପିକ ରାବିବ।
ଗଛଲତା ବନ ନଈ ନାଳ ହ୍ରଦ
ସଭିଏଁ ଆମରି ହିତରେ
ସବୁରି ସୁରକ୍ଷା କରି ଏ ବରଷ
ଗାଅ ମଧୁଝରା ଗୀତରେ।


+(ଶିକ୍ଷକ)
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦


### ବିଦାୟ ଦୁଇହଜାର ତେଇଶି

#### ପୁଷ୍ପାଞ୍ଜଳି ମିଶ୍ର



ଦୁଇ ହଜାର ତେଇଶି
ତୁମେ ଏବେ ଚାଲି ଯିବାର
ସମୟ ଆସିଲାଣି
ବଦଳି ଯିବ କ୍ୟାଲେଣ୍ଡରର ପୃଷ୍ଠା
ଆଉ ଯାହା ଥିଲା ଠିକ ସବୁ ସେମିତି
ଆସି ଥିଲ ତୁମେ ଦିନେ ଏମିତି
ଫୁଲଟିଏ ହୋଇ
ବାର ପାଖୁଡାକୁ ସାଙ୍ଗରେ ଧରି
ପ୍ରତି ପାଖୁଡ଼ାରେ କେତେ ଘଟଣା
ଆଉ କେତେ ଦୁର୍ଘଟଣା
ରହିଥିଲା ଭରି
ହସ /ଲୁହ ସୁଖ ଦୁଃଖକୁ ଧରି
କେତେ ଖୁସି ଥିଲେ ସେଦିନ ସମସ୍ତେ
ତୁମ ଆଗମନେ
ପାଳିଥିଲେ ତୁମକୁ ସ୍ୱାଗତ କରି
ହେଲେ ଆଜି ତୁମର
ବିଦାୟ ବେଳରେ
ସମସ୍ତେ ହେଲେ ବିରକ୍ଷେ
ପ୍ରତି ପାଖୁଡ଼ାରେ ଦୁର୍ଘଟଣା ଆଉ
ଦୁର୍ଘଟଣା
ମନ ଦେଇ ଗଲା ଦୁଃଖ
ବାହାନଗା ରେଳ ଦୁର୍ଘଟଣା
ସବୁଠାରୁ ହୋଇ ଗଲା ଅପାଷୋରା
ଦୁଃଖ କଷ୍ଟ ସବୁକୁ ସହି ଏବେ
ତୁମକୁ ବିଦୟ ଦେବାର ବେଳ
ଆସିଲା
ପରିବେଶ ଆଉ ପରିସ୍ଥିତିକୁ
ସବୁକୁ ସମ୍ଭାଳି
ବର୍ଷଟିଏ ବିତିଗଲା ---
ଫିଙ୍ଗି ଦେଇ ଗଲା
ରୂପାଲି ବର୍ଚ୍ଛାଟିଏ
ତାର ଆଘାତରେ ଘାଏଲ
ହେଲେ ସମସ୍ତେ
କେହି ଅଧିର କେହି ଆତୁର
ପୁଣି କେହି ଅସ୍ଥିର
ବର୍ଷଟିଏ ବିତିଗଲା ---
ଫିଙ୍ଗି ଦେଇ ଗଲା ଫୁଲଟିଏ
ତାର ମହକରଏ ମତୁଆଲା
ହେଲେ ସମସ୍ତେ
କେହି ପଥିକ ହେଲା ପ୍ରେମିକ
କେଉଁ ରଜା ପୁଅ ହେଲା ମେଣ୍ଢା
ବର୍ଷଟିଏ ବିତିଗଲା ---
ବୁହାଇ ଦେଲା ଲୁହର ନଈ ଟିଏ
ତାର ସୁଅରେ ଭାସିଗଲା
କିଛି ହସ ଆଉ କିଛି ଆୟୁଷ
ବେଳା ଭୂମିରେ କେବଳ
ଅବଶିଷ୍ଟ ଓ ଅବଶୋଷ
ଆଉ କିଛି ସ୍ମୃତି ଆଉ କିଛି ଅନୁଭୂତି


+ସୁକିନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧


### ନୂଆବର୍ଷ ଆସୁଛି

#### ସୁନନ୍ଦା ମହାନ୍ତି



ନୂଆବର୍ଷର ପାଦଶବ୍ଦ ଶୁଣି
ବୁଝିଗଲିଣି ମତେ କିଛି କରିବାକୁ
ହେବ
ଏଇ ଯେମିତି ସମସ୍ତ ଦୁଃଖର
ପିଆଲାକୁ
ଆକଣ୍ଠ ପାନ କରି ନୀଳକଣ୍ଠ ସାଜି
ହାଏ ହାଲୋ ନକରି ସ୍ୱାଗତ କରିବାକୁ
ସମସ୍ତ ରାଗ ରୋଷ ମାନ ଅପମାନ
ଉମ୍‌ହେଇ ଜାଳି ପ୍ରତୀକ୍ଷା ଏନ୍ତୁଡ଼ିଶାଳେ
ଯନ୍ତ୍ରଣା ଲୁହ ଲହୁ ପିଇଦେଇ
ଷଷ୍ଠୀଘର ଚୂନ ମାରିବାକୁ
ଏମିତି ତ ପ୍ରତିବର୍ଷ ହୁଏ
ଭାବିଛି ଏବର୍ଷ ନିଆରା ଢଙ୍ଗରେ
ନକଲେ
କାଳେ ଶ୍ରମିକମାନେ ଫସିଯିବେ
ସୁଡ଼ଙ୍ଗରେ
ନବଜାତକ ବୋରୱେଲ ଭିତରେ
ଅଦିନିଆ ମେଘ ମାଘରେ ଆସିବ
ବଣୁଆ ବାଘ
କରୋନାର କଟକଣା
ଅନାହୂତ କେତେ କା ଠିକଣା
ଯୁଦ୍ଧ କାଳେ ମାଗିବ ଘରଭଡ଼ା
ରାଜ୍ୟରେ ଦେଶରେ ବା ମାଟିମାଆ
ବକ୍ଷରେ
ସବୁଥିରୁ ବଞ୍ଚିତ କରି ଘୋଡାଇ
ରଖିବାକୁ
ମାଆଟିଏ ପରି ବାତ୍ସଲ୍ୟରେ ପଣତ
ଭିତରେ
ମମତାର ଫଲ୍ଗୁ ଗୁନ୍ଥି
ଅପେକ୍ଷା କରିଛି ନବବର୍ଷ ଆସ
ଶିଶୁର ହସ ନେଇ ପଶୁର ଭାଷା ବୁଝି
ହୋଇଯାଅ ଅନ୍ୟ ଏକ ଦେବଦାସ
ଅବା ବିଶ୍ୱାମିତ୍ର ହୋଇ ମରାରୁ ରାମ
କହି କହି
ଭେଟି ଦିଅ ନବପଲ୍ଲବ
ସ୍ନେହ ପ୍ରେମ ମମତା ଭାଇଚାରା ପ୍ରୀତି
ମୈତ୍ରୀ ସହନଶୀଳତା ଭଲପାଇବା
ଗଭୀରତା
ସାଙ୍ଗକୁ ଦୂରେଇ ପରଶ୍ରୀକାତରତା


+ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭









# ନୂଆବର୍ଷ ବଣଭୋଜି



**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ବୁଢ଼ୀମା କହେ ଥୁରୁଥୁରୁ ଶୀତ ଦେହକୁ ହିତ। ହେମାଳିଆ କୋହଲା ପବନ ଯେତିକି ଦେହ ଥରାଇ ଦିଏ ସେତିକି ଉଷୁମ ଲାଗେ ସଫା ଆକାଶରେ ସୂର୍ଯ୍ୟ କିରଣ । ସକାଳ ହେବା ମାତ୍ରେ ଚାରିଆଡ଼େ ବିଛାଡ଼ି ହୋଇ ଯାଉଥାଏ ନରମ ଖରା।

ପୌଷ ମାସରେ କ୍ଷେତରୁ ଫସଲ କଟା ହୋଇ ଖଳାକୁ ଆସିଲାଣି । ଧୀରେ ଧୀରେ ମଳା ହୋଇ ଅମାରକୁ ଯିବ । କିଛି ବି ଅମଳ ହୋଇ ମଣ୍ଡିକୁ ଗଲାଣି । ସବୁରି ହାତରେ ଧନ । ଘରେ ଘରେ ଲକ୍ଷ୍ମୀଙ୍କର ବିରାଜମାନ ।

ଆସୁଛି ବଡ଼ ଦିନ ସାଙ୍ଗକୁ ନୂଆ ବର୍ଷ । ସ୍କୁଲ ଛୁଟି ହୋଇ ଯାଇଥିବାରୁ ସବୁ ସାଙ୍ଗ ଏକାଠି ହୋଇ ଥାଆନ୍ତି । ଗାଆଁଠୁ ସହର ସବୁ ମାତି ଥାଆନ୍ତି ବଣଭୋଜି କରିବାରେ । ନକୁଳ, ଗୋକୁଳ, ରବି, ରତନା ଆଦି ସାଙ୍ଗ ହୋଇ ଖେଳୁ ଖେଳୁ ବିଚାର କଲେ ସେମାନେ ବି କରିବେ ବଣଭୋଜି । ଗାଆଁ ପାଖ ଦେଇ ବହି ଯାଉଥିବା ନଦୀ କୂଳରେ ଗହଳିଆ ଆମ୍ବ ତୋଟା । ତା' କଡ଼କୁ କାଜୁ ବଣ । ସେଇ ସ୍ଥାନରେ ଯାଇ ବଣ ଭୋଜି କରିବା ପାଇଁ ସ୍ଥିର କଲେ ପିଲାମାନେ ।

ଏକାଠି ବସି ପିଲାଙ୍କର ବିଚାର ପଡିଥାଏ ଭୋଜିରେ କ'ଣ ଖାଇବେ କେମିତି ରାନ୍ଧିବେ ଇତ୍ୟାଦି । ଛୋଟ ପିଲା ମାଛ ମାଂସ ତରକାରି କିମ୍ବା ଖିରି ଖେଚୁଡି ତ କରି ପାରିବେ ନାହିଁ । କ'ଣ କରି ପାରିବେ ଚିନ୍ତା କରୁ ଥାଆନ୍ତି । ଏତିକି ବେଳେ ତାଙ୍କ ପାଖକୁ ଆସିଲା ରଘୁଆ । ରଘୁଆ ଗାଆଁର ଅଭାବୀ ଘର ପିଲାଟିଏ । ତାଙ୍କ ଠାରୁ ବୟସରେ ଅଳ୍ପ ବଡ଼ । କେବେ କେବେ ତାଙ୍କ ସହ ଖେଳିବାକୁ ଆସେ । ଭୋଜି କଥା ଶୁଣି ରଘୁଆ କହିଲା, ଚିନ୍ତା କାହିଁକି କରୁଛ, ମୋତେ ପରା ରୋଷେଇ କରିବା ଆସେ । ମୋ ମା' କାମକୁ ଗଲା ପରେ ମୁଁ ଦିନେ ଦିନେ ଭାତ, ଡାଲି, ତରକାରି ରାନ୍ଧି ଦିଏ । ସବୁ ପିଲାମାନେ ଏକଥା ଶୁଣି ଖୁସି ହୋଇଗଲେ । ପିଲାଙ୍କ ସମସ୍ୟାର ସମାଧାନ ହୋଇଗଲା ।

ସବୁ ପିଲାମାନେ ମିଶି କହିଲେ, ରଘୁଆ ଭାଇ ତମେ ଆମ ସହ ଚାଲ ବଣଭୋଜି କରିବା, ଆମ ଗାଆଁ ନଦୀ କୂଳରେ । ଏକଥା ଶୁଣି ରଘୁଆ ମୁହଁ ଶୁଖାଇ କହିଲା, ନା ନା ମୁଁ ତୁମ ସହ ଭୋଜି କରି ପାରିବି ନାହିଁ । ମୋ ମା' ମୂଲ ଲାଗି ଆମ ପରିବାର ଚଳାଉଛି । ମୁଁ କେଉଁଠୁ ଚାନ୍ଦା ଦେଇ ପାରିବି ଯେ ତୁମ ସହ ଭୋଜି କରିବାକୁ ଯିବି ! ତା' କଥା ଶୁଣି ଅନ୍ୟ ପିଲାମାନେ କହିଲେ, ତୁମକୁ ଚାନ୍ଦା ଦେବା ଦରକାର ନାହିଁ । ଭୋଜି ପାଇଁ ଯାହା ଆବଶ୍ୟକ ଆମେ ଯୋଗାଡ଼ କରିବୁ । ତୁମେ କେବଳ ଆମକୁ ରୋଷେଇ କରିବାରେ ସାହାଯ୍ୟ କରିବ ।

ରଘୁଆ ରାଜି ହୋଇଗଲା । କଥା ହେଲା ଭୋଜିରେ ଭାତ, ଡାଲି, ଭାଜି, ଅଣ୍ଡା ତରକାରି ସହ ପାମ୍ପଡ଼ ସାଲାଡ଼ ରନ୍ଧା ହେବ । ସେଥିପାଇଁ ଯାହା ସବୁ ଆବଶ୍ୟକ ସାମଗ୍ରୀ ରଘୁଆ ବତାଇ ଦେଲା । ନିଜ ନିଜ ଭିତରେ ଚାନ୍ଦା କରି ସେସବୁ ଆୟୋଜନ କରିବାରେ ପିଲାମାନେ ଲାଗି ପଡିଲେ ।

ଜାନୁଆରୀ ଏକ ତାରିଖ, ନୂଆ ବର୍ଷର ପ୍ରଥମ ଦିନ । ରଘୁଆ ସହ ପିଲାମାନେ ଚାଲିଲେ ନଦୀ କୂଳରେ ଥିବା ଆମ୍ବ ତୋଟାକୁ । ସାଙ୍ଗରେ ନେଇଥିଲେ ଚାଉଳ, ପରିବା, ମସଲା, କାଠ, ଛୁରୀ, ପନିକି, ଦିଆସିଲି, ଖଲି ପତ୍ର ଇତ୍ୟାଦି । ବଣଭୋଜି ପାଇଁ ଯିବା ଆଗରୁ ସମସ୍ତଙ୍କ ଘରେ ପିଲାମାନଙ୍କୁ ସତର୍କ କରାଇ ଦିଆ ଯାଇଥିଲା, ନିଆଁ ପାଣି ଠାରୁ ଦୂରରେ ରହି ସାବଧାନତା ଅବଲମ୍ବନ କରିବାକୁ ।

ଗୋପାଳ ଗୋଟିଏ ବୁଦ୍ଧୁ ପିଲା । ଏକଥା ଶୁଣି ପଚାରିଲା, ଆମେ ନିଆଁ ପାଣି ଠାରୁ ଦୂରରେ ରହିଲେ ଭୋଜି ରାନ୍ଧିବୁ କେମିତି ? ତା' ବାପା ତାକୁ ଏବଂ ତା' ସାଥୀମାନଙ୍କୁ ବୁଝାଇ କହିଲେ, ନିଆଁ ପାଣି ଠାରୁ ଦୁରେଇ ହୋଇ ରହିବା ଅର୍ଥ ନଦୀର ଗଭୀର ପାଣି ଭିତରକୁ ନପଶିବା ଏବଂ ନିଆଁ ପାଖରେ ସାବଧାନ ହୋଇ କାରବାର କରିବା ।

ପିଲାମାନେ ନଦୀ କୂଳରେ ଗାତ ଖୋଳି ଚୁଲି ତିଆରି କଲେ । ଜାଳ କାଠରେ ନିଆଁ ଲଗାଇ ରୋଷେଇ ଆରମ୍ଭ କରିଦେଲେ । ବାଲଟି ଡେକଚିରେ ନଦୀରୁ ପାଣି ବୋହି ଆଣିଲେ । ଜଙ୍ଗଲରୁ ଶୁଖିଲା କାଠ ଗୋଟେଇ ଆଣିଲେ । ରଘୁଆ ଭାତ ଡାଲି ବସାଇ ପରିବା କାଟିବାକୁ ବସିଲା । ଅନ୍ୟ ମାନେ ସିଝା ଅଣ୍ଡା ଏବଂ ଆଳୁରୁ ଚୋପା ଛଡ଼ାଇ ରଖିଲେ । ଦେଖୁ ଦେଖୁ ଖାଦ୍ୟ ପ୍ରସ୍ତୁତ ହୋଇ ଗଲା । ସମସ୍ତେ ମିଶି ସାଙ୍ଗରେ ନେଇଥିବା ଖଲି ପତ୍ରରେ ବଢ଼ା ବଢ଼ି କରି ଏକାଠି ଖାଇବସିଲେ ।



ଖିଆ ପିଆ ସାରି ପିଲାମାନେ କିଛି ସମୟ ନଦୀ କୂଳରେ ବୁଲା ବୁଲି କଲେ । ତାଙ୍କ ପରି ଆଉ କେତେ ପିଲା ବଣଭୋଜି କରୁଥିବା ଦେଖିଲେ । ଘରକୁ ଫେରିବା ପୂର୍ବରୁ ନକୁଳ କହିଲା ଆମେ ଭୋଜି କରିବା ଜାଗାଟି ସଫେଇ କରିଦେବା । ଅଇଁଠା ପତ୍ର , ପରିବା ଚୋପା ଆଦିକୁ ଚୁଲି ଗାତରେ ପକାଇ ପୋତି ପକାଇବା । ଡବା, ବୋତଲ ଆଦିକୁ ନଦୀ କୂଳରେ କିମ୍ବା ନଦୀ ପାଣିରେ ନପକାଇ ସାଙ୍ଗରେ ନେଇଯିବା । ତେଣୁ ସବୁ ପିଲା ମିଶି ସେମାନେ କରିଥିବା ଅଳିଆ ସହ ଆଗରୁ ନଦୀ କୂଳରେ ପଡିଥିବା ଆବର୍ଜନା ଗୁଡ଼ିକୁ ସଫା କରି ଗୋଟିଏ ଜାଗାରେ ପୋତି ଦେଇ ଘରକୁ ଫେରି ଆସିଲେ।

ଏକଥା ଜାଣି ଗାଁସାରା ପ୍ରଶଂସା କରିବା ସହ କହିଲେ, ବଣଭୋଜି କରିବା ପାଇଁ ଆମେ ପରିବେଶକୁ ପ୍ରଦୂଷିତ କରିବା ଠିକ୍ ନୁହଁ । ଭୋଜି ସ୍ଥାନର ସଫେଇ କରିବା ଆମ କର୍ତ୍ତବ୍ୟ । ତେବେ ଯାଇ ଆମ ଗାଆଁ ପରିବେଶ ସ୍ୱଚ୍ଛ ରହିବ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬ ମୋ:୯୯୬୮୨୮୦୮୯୬

# ସାବାସ୍ ମିନି,ସାବାସ୍ ମୁନା

**ସନ୍ତୋଷ କୁମାର ଅଦାବର**

ମିନି ଓ ମୁନା ଦୁଇ ଭାଇ ଭଉଣୀ। ମିନି ଷଷ୍ଠ ଶ୍ରେଣୀରେ ପଢ଼େ ଏବଂ ମୁନା ତୃତୀୟ ଶ୍ରେଣୀରେ ପଢ଼େ। ମିନି ଶାନ୍ତ ସ୍ୱଭାବର ଝିଅଟିଏ। ମାଆ ଯାହା ଖାଇବାକୁ ଦିଅନ୍ତି ସେ ଖୁସି ମନରେ ଖାଇଦିଏ। କିନ୍ତୁ ମୁନା ମିନିର ଓଲଟା। ଖାଇବା ସମୟରେ, ନୂଆ ପୋଷାକ ପତ୍ରକୁ ନେଇ ଅଥବା ଖେଳଣା ସାମଗ୍ରୀ କୁ ନେଇ ମୁନାର କିଛି ନା କିଛି ଅଭିଯୋଗ ଥିବ । ଯଦି ତା'ର ଇଚ୍ଛା ମୁତାବକ ନ ହେଲା ତେବେ ସେ ରୁଷିଥାଏ। ସେ ଜୋରରେ ଚିଲ୍ଲେଇଥାଏ ।

ତା' ଭାଇ ଜନ୍ମ ହେବା ପୂର୍ବରୁ ମିନି ଛୋଟ ଥିବାବେଳେ ମଧ ସେମିତି ଦୁଷ୍ଟ ପ୍ରକୃତିର ଥିଲା। ପ୍ରତିଦିନ କିଛି ନା କିଛି ମିନିର ଅଳି ଅଝଟ,ମାନ ଅଭିମାନ ଆଉ ଅଭିଯୋଗ ଥିଲା । ମୁନା ଯେତେବେଳେ କଥା କହି ଜାଣିଲା ସେ ସମୟରୁ ଧିରେ ଧିରେ ମିନିର ସ୍ୱଭାବରେ ପରିବର୍ତ୍ତନ ହେଲା। ନିଜ ଭାଇକୁ ବହୁତ ସ୍ନେହ ଦେଲା। ପ୍ରତ୍ୟେକ ଜିନିଷରେ ଭାଗ ଦେଲା । ମୁନା ତା' ସହ ଝଗଡା ଗାଳି କଲେ ମଧ ମୁନି ସେ ସବୁକୁ ହସିହସି ସହି ଯାଏ ଏବଂ ମୁନାକୁ ବାରମ୍ବାର ଭଲ ପିଲାଟିଏ ହେବାପାଇଁ ବୁଝାଏ । କିନ୍ତୁ ମୁନା ନ ଥିବା ସମୟରେ ମିନି ତା'ର ପିଲାଳିଆ ବୁଦ୍ଧିରେ ଟିକିଏ ଟିକିଏ ପୂର୍ବ ଭଳି ଅଳି ଅଝଟ ରୁଷିବା ଆଦି ଭାବ ପ୍ରକାଶ କରିଥାଏ ।

ମୁନାର ଆଗରେ ମିନିର ଶାନ୍ତ ଆଚରଣ ଏବଂ ମୁନା ଜାଣିବା ଦିନଠୁ ମିନିର ଏ ପରିବର୍ତ୍ତନକୁ ତା'ର ମାଆ ଠିକ୍ ଅନୁମାନ କରି ଆସୁଥା'ନ୍ତି। ଦିନେ ମୁନା ସ୍କୁଲ ଯାଇଥାଏ। ମିନିର ଦେହ ସାମାନ୍ୟ ଅସୁସ୍ଥ ଥିବାରୁ ସ୍କୁଲ ଯାଇ ନ ଥାଏ। ଘରେ ତା' ବାପା ମାଆ ସହ ଥିବା ବେଳେ ମିନିକୁ ତା'ର ମାଆ କହିଲେ- ମିନି,ତୁ ଆଗରୁ ବହୁତ ଦୁଷ୍ଟାମୀ କରୁଥିଲୁ। ତୋ ଭାଇ ଜାଣିବା ଦିନଠୁ ତୋର ପରିବର୍ତ୍ତନ ଅର୍ଥାତ୍ ଶାନ୍ତ ଆଚରଣ ଦେଖି ଆସୁଛି। ନିଜ ଭାଇକୁ ସ୍ନେହ କରି ନିଜର ଭାଗ ଦେଉଛୁ। ତୁ ମୋର ସୁନା ଝିଅଟିଏ।' ତା'ର ବାପା ମଧ ଝିଅର ଆଚରଣରେ ଖୁବ୍ ଖୁସି। ମିନି କହିଲା-'ମାଆ,ଆମ ବିଦ୍ୟାଳୟରେ ଆମ ସନ୍ଧ୍ୟା ଦିଦି କହିଛନ୍ତି ଯେ ଗୋଟିଏ ପରିବାରର ବୟସରେ ବଡ଼ ଥିବା ସଦସ୍ୟ ସଦସ୍ୟାଙ୍କ ଆଚରଣ,ବ୍ୟବହାର ଆଦିକୁ ସେ ପରିବାରର ସାନମାନେ ଅନୁସରଣ ଓ ଅନୁକରଣ କରିଥାଆନ୍ତି। ଆମ ପରିବାରର ସଭିଏଁ ଶାନ୍ତ ସ୍ୱଭାବର। ଏହା ମୋତେ ବହୁତ ଖୁସି ଲାଗେ । ତୁମମାନଙ୍କର ବ୍ୟବହାରକୁ ମୁଁ ଅନୁକରଣ କରିବାକୁ ବାରମ୍ବାର ଚେଷ୍ଟା କରି ଭଲ ମଣିଷ ହେବାକୁ ପ୍ରଯତ୍ନ କରୁଛି। ବେଳେବେଳେ ମୋର ଦୁଷ୍ଟାମୀ ପାଇଁ ମୋତେ କ୍ଷମା କରିଦିଅ। ମୋର ଶାନ୍ତ ଆଚରଣ ମୋ ଭାଇ ମୁନା ଅନୁକରଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।' ତା'ପରେ ତା' ମାଆ କହିଲେ- 'ମିନି ଆମର ଠିକ୍ କହୁଛି।କୌଣସି ଭଲ ଅଭ୍ୟାସକୁ ଅନୁକରଣ କରିବାକୁ ଟିକିଏ ସମୟ ଲାଗିଥାଏ। ଦେଖିବ,ଆମ ମୁନା ବି କିଛି ଦିନ ପରେ ଶାନ୍ତ ସ୍ୱଭାବର ହେବ ।' କମ୍ ବୟସରେ ବି ଝିଅର ଏତେ ମଗଜ ଦେଖି ତା'ର ବାପା ମାଆ ବହୁତ ଖୁସି ହୋଇଗଲେ।

ସତକୁ ସତ ମୁନା ଆଜି ସୁନା ପିଲାଟିଏ ହୋଇ ଶ୍ରେଣୀରେ ଭଲ ପାଠ ପଢ଼ିବା ସହ ଘରେ ଶାନ୍ତ ସ୍ୱଭାବର ହୋଇପାରିଛି। ତା'ର ଶାନ୍ତ ଆଚରଣ ଏବଂ ଶୃଙ୍ଖଳିତ ବ୍ୟବହାର ପାଇଁ ଏବର୍ଷ ବିଦ୍ୟାଳୟରୁ ତାକୁ ପୁରସ୍କୃତ କରାଯାଇଛି । ପୁରସ୍କାର ପାଇଲା ପରେ ମୁନା ତା ବାପା ମାଆ ଆଉ ମିନିର ପାଦ ଛୁଇଁ ପ୍ରଣାମ କଲା ଏବଂ ବାପା ଓ ମାଆ ଉଭୟ ଛୁଆଙ୍କୁ କଲ୍ୟାଣ କରି କହିଲେ- ସାବାସ୍ ମିନି,ସାବାସ୍ ମୁନା ।।

ଈଈଈଈ+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮



ଛାତ୍ର - ସାଇ ସମ୍ଭବ
ଶ୍ରେଣୀ - ସପ୍ତମ
କେନ୍ଦ୍ରୀୟ ବିଦ୍ୟାଳୟ
ନମ୍ବର -୦୨, ଭୁବନେଶ୍ୱର

**ବରଫ ପଡ଼ିଥିବା ଶୀତ ସକାଳ**

## ପହଲି

**ଭାସ୍କର ରାଉତ**

।। ୧ ।।
କାଠରେ ଗଢ଼ା ହୋଇଛି ଶରୀର
ମୁନି ଋଷିଙ୍କର ଅତି ନିଜର।
ସିଂହାସନେ ବସି ମୁଁ ପୂଜା ପାଏ
ପାଦର ଗୋଇଠା ମୁଁ ଖାଉ ଥାଏ।
ତଥାପି ଟିକିଏ ମୋ ଦୁଃଖ ନାହିଁ
ତା ପାଦକୁ ରକ୍ଷା କରଇ ମୁହିଁ।
ପର ଉପକାରେ ଜୀବନ ଦିଏ
ତା ଭାରା ସବୁକୁ ମୁଁ ବୋହୁଥାଏ।
ଆଜିକାଲି ଆଉ ମୋ ଦେଖା ନାହିଁ
ବିଭିନ୍ନ ରୂପରେ ବୁଲୁଛି ମୁହିଁ।
ଉ:-(କଠଉ)

।। ୨ ।।
ଦୁଇଟି ଗୋଡ଼କୁ ଦୁଇଟି ଆଖି
ମୋ ଆଖିରେ ମୁହିଁ ନପାରେ ଦେଖି।
ଲୁହା ପ୍ଲାଷ୍ଟିକରେ ଗଢ଼ା ଶରୀର
ମୁହିଁ ବସୁଥାଏ କାନ ଉପର।
ଦୃଷ୍ଟି ବାଧିତଙ୍କୁ ସାହଯ୍ୟ କରେ
ମୋ ଯୋଗୁଁ ପରାରେ ସେ ଦେଖି
ପାରେ।
ମୁଁ ନ ବସିଲେ ତା କାନ ଉପରେ
ସ୍ୱଷ୍ଟ ଭାବେ ସେହୁ ଦେଖି ନପାରେ।
ଉ:-(ଚଷମା)

।। ୩ ।।
ପ୍ରଥମେ ଥିଲା ମୋ ଲୁହା ଶରୀର
ପରେ ହେଲା ପର କାଠ ଆବର।
ତା ପରେ ବଦଳେ ରୂପ ମୋହର
ଗରଭରୁ ବହି ଆସିଲା ଧାର।
ବିଭିନ୍ନ ରୂପରେ ହେଲା ଶରୀର
ସାଥିରେ ବୁଲିଲି ମୁଁ ସଭିଙ୍କର।
ଆଧୁନିକ ମୁହିଁ ଏବେ ହୋଇଛି
ମୁହଁରେ ବଲ୍ସଟେ ଖଞ୍ଜା ହୋଇଛି।
ଲେଖିବାରେ ଆଉ କଷ୍ଟ ନୁହଇ
ବିଜ୍ଞାନ ଯୁଗରେ ମୋ ଦେଖା ନାହିଁ।
ଉ:-(ଲେଖନୀ)

+ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ:୯୭୭୬୪୮୬୬୨୮

## ଆସ ଆସ ନୂଆ ବରଷ

**କୀର୍ତ୍ତନ ସାହୁ**

ଆସ ଆସ ନୂଆ ବରଷ
କେତେ ଆଶା ନେଇ
ରହି ଅଛୁ ଚାହିଁ
ମନରେ ରଖିଛୁ ହରଷ।

ସାଙ୍ଗ ସହ ସାଙ୍ଗ ମିଳିବୁ
କେତେ ହସ ଖୁସି
କେତେ ଗପ ସପ
ମଜା କରି ଖେଳ ଖେଳିବୁ ।

ତମକୁ କରିବୁ ସ୍ୱାଗତ
ନିଜ ନିଜ କଥା
ବଖାଣି ବସିବୁ
ଅନୁଭୂତି କରି ଆଗତ।

ଦୁଃଖ ଆମ ଦେବ ଦୂରେଇ
ପୁରୁଣା ବରଷ
ଅବସୋସ ଯେତେ
ନେବ ସାଥେ ତମେ ଚୋରେଇ।

ରଖିବନି କିଛି ଅଭାବ
ଦୁଃଖୀ ଦରିଦ୍ରଙ୍କ
ସେବାରେ ଲାଗିବୁ
ଭଲ ରଖି ଆମ ସ୍ୱଭାବ।

ଆସ ଆସ ନୂଆ ବରଷ
ଦେଶର ସେବାରେ
ଲାଗି ରହି ଥିବୁ
ଦୂରେ ଠେଲି ଆମ ଅଳସ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
(ମୋ) ୯୪୩୮୪୧୪୭୦୧

## ଭଲ ମଣିଷଟେ ହୋଇବା.....

**ରାମଚନ୍ଦ୍ର ବେହେରା**

ତେଇଶି ମସିହା ବିଦାୟ ନେଉଛି
ଚବିଶି ଖୁସିରେ ହସୁଛି
ନାଚ ଗୀତ ଆଉ ବାଣ ରୋଷଣୀରେ
ତା'ର ଆଗମନ ହେଉଛି।

ନୂଆ ଆଶା ନୂଆ ଉଦ୍ଦୀପନା ନେଇ
ନୂତନ ବରଷ ଆସୁଛି
ଗାଆଁରୁ ସହର ସଭିଂକ ପରାଣେ
ଆନନ୍ଦ ଲହରୀ ଖେଳୁଛି।

ଆଲୋକ ମାଳାର ମନଲୋଭା ଦୃଶ୍ୟ
ଚଉଦିଗେ ଶୋଭା ପାଉଛି
ବାଜା ତାଳେ ତାଳେ ସଂଗୀତର ସୁର
ସଭିଂକ ମନକୁ ମୋହୁଛି।

ପୁରୁଣା ବର୍ଷର ବିଫଳତା ଭୁଲି
ନୂଆ ଆଶା ମନେ ଜାଗିଛି
ନୂଆ ଶ୍ରମ କରି ବିଜୟର ଆଶେ
ମନରେ ଉତ୍ସାହ ଭରିଛି।

ଜଂଗଲ କୋଳରେ ଝରଣା କୂଳରେ
ବଣଭୋଜି ଶୋଭା ପାଉଛି
ଦେବା ଦେବୀଂକର ମନ୍ଦିର ବେଢ଼ାରେ
ଭକତଂକ ଭିଡ ଜମୁଛି।

ନୂଆ ବରଷରେ ନୂଆ ସମ୍ଭାବନା
ନୂଆ ଖୁସି ଆଣି ଦେଇଛି
ନୂଆ ନୂଆ ପୁଷ୍ପେ ନାନା ଜାତି ଶସ୍ୟେ
ଆମ ଗାଆଁ କ୍ଷେତ ହସୁଛି।

ଆସ ମିଳିମିଶି ନୂଆ ବରଷରେ
ଅସହାୟେ ସେବା କରିବା
ତାଂକ ଶୁଭାଶିଷେ ଏଇ ଜଗତରେ
ଭଲ ମଣିଷଟେ ହୋଇବା।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଶିଶୁଟିଏ ପରା ଫୁଲ କଢ଼ିଟିଏ

**ନଳିନୀ ଦାଶ**

ଶିଶୁଟିଏ ପରା ଫୁଲ କଢ଼ିଟିଏ
ଆମ ଅମୂଲ୍ୟ ରତନ
ସ୍ନେହଁ ଶ୍ରଦ୍ଧା ଦେଇ ବଢ଼ାଇବା ଆମେ
କରିବା ତାର ଯତନ ।

ଫୁଲ ଫୁଟି ଦିନେ ମହକାଇ ଦେବ
ଦେବା ଶିଶୁଟିକୁ ଧ୍ୟାନ
ସେ ପରା ଆମର ଦେଶ ଭବିଷ୍ୟତ
ଏକଥା ରଖିବ ମନ ।

ଜାଣେ ନାହିଁ ସିଏ ହିଂସା ଅହଙ୍କାର
ଅଳି ଅଝଟ ସେ କରେ
ମନ କଥା ବୁଝି ଆଦର କରିଲେ
ଟିକି ଓଠେ ଖୁସି ଭରେ ।

ସତ୍ୟ ଧର୍ମ ଜ୍ଞାନ ଶିକ୍ଷା ଦେଉଥିଲେ
ସତ୍ୟ ଧର୍ମ ପଥେ ଯିବ
ସେବା ଉପକାରେ ମନ ବଳାଇଲେ
ସୁନା ପିଲାଟିଏ ହେବ ।

ସଂସ୍କାର ଶିଖେଇ ଶିକ୍ଷା ଦୀକ୍ଷା ଯେତେ
ତା ଟିକି ମନେ ଭରିବା
କର୍ତ୍ତବ୍ୟ ନମ୍ରତା ମଧୁର ବଚନ
କହିବାକୁ ଶିଖାଇବା ।

ବଡ଼ ହୋଇ ଦିନେ ଦେଶ ଜାତିପାଇଁ
କରିଯିବ କେତେ କାମ
ଯଶ ଗଉରବ ଉଡିବ ଦେଶରେ
ରଖିବ ଆମର ନାମ ।

+ଭିକାରିପଦା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୦୯୫୨୪୧

## କବିତା
ତୁମ ପାଇଁ



## ଶୀତ

**ନୀଳମଣି ଚାନ୍ଦ**

ଶୀତ ଆଙ୍କେ ଛବି ସୋରିଷ କ୍ଷେତର
ହଳଦିଆ ରଙ୍ଗ ମାଖି
ଈର୍ଷାରେ ଜଳେ ସୂର୍ଯ୍ୟମୁଖୀଟା
ସୋରିଷ ଫୁଲକୁ ଦେଖି।

ଶୀତ ବୁଣିଦିଏ ମୁକୁତା ଟୁକୁଡ଼ା
ସକାଳ ଖରାରେ ବୁଲି
କି ନାଚ କରିବ କୁହୁଡ଼ି ପରଦା
ଦେଖୁନା ଗଲାଣି ଝୁଲି
ଶୀତ ଡାକି ଆଣେ ଖଳାକୁ ଲକ୍ଷ୍ମୀଙ୍କୁ
ଝୋଟିରେ ପା'ଚିହ୍ନ ଲେଖି।

ଶୀତ କରିଦିଏ ରାତ୍ରିକୁ ବଡରେ
ଦିନକୁ କରେ ସେ ସାନ
ପୁଷ ମାଘ ଦୁଇ ପିଣ୍ଡିର ଉପରେ
ଆସି କରେ ଅବସ୍ଥାନ
ଡାକେ ନଳବଣ ଆଉ କିଆଁ ଡେରି
ଆସରେ ବିଦେଶୀ ପକ୍ଷୀ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭




## ହସି ହସି ଆସ ନୂଆ ବରଷ

**ପ୍ରଶାନ୍ତ କୁମାର ଦାଶ**

ହସି ହସି ଆସ ନୂଆବରଷ
ହସ ଖୁସି ଦିଅ ବାଣ୍ଟି
ସବୁରି କରମ ସମାଜର ହିତେ
ହେଇଯାଉ ସଦା ଖାଣ୍ଟି।

ପୁରୁଣା ଦିନର ଦୁଖଃଭରା ସ୍ମୃତି
ଏଇ ମନୁ ଯାଉ ଲିଭି
ପୁଲକିତ ହେଉ ଦରଦୀ ପରାଣ
ସୁଖ ସଫଳତା ଲଭି ।

ବାବୁନା ଆଖିର ଲୁହଲିଭିଯାଉ
ହଟିଯାଉ ତାର ଦୁଃଖ
ଦୁଃଖର କୁହୁଡି ଅପସରି ଗଲେ
ପାଇବ ଜୀବନେ ସୁଖ ।

ଅଜା କରିବାକୁ ହସ ଖୁସି ମଜା
ଉଠିଲେଣି ଭାଙ୍ଗି ନିଦ
କହିଲେ ପିଲାଏ ଚାଲ ଭୋଜି କରି
ଖାଇବା ଭୁଲିକି ଖେଦ ।

ନୂଆବରଷ ତ ଆସୁଛି ଆଣିକି
ସୁଖର ପସରାଟିଏ
ହେଳା କରି ଆଉ ଅଳସ ନିଦରେ
ଶୁଅନାହିଁ ଶେଯେ କିଏ ।

ଉଇଁଚି ସୂରୁଜ ବୁଣିକି ମୁରୁଜ
ଫୁଟିଲେଣି କେତେ ଫୁଲ
ଅଳସ ତଡିକି ଛିଟ ପ୍ରଜାପତି
ଫୁଲକୁ କଲାଣି ଗେଲ ।

ରାବିଲାଣି କାଉ ରାତି ନାହିଁ ଆଉ
ଝଲ ମଲ ଗାଆଁ ଛାତି
ହସି ନାଚି ଗାଇ ପିଲାଏ ଦାଣ୍ଡରେ
ଖେଳରେ ଗଲେଣି ମାତି ।

ନୂଆବରଷରେ ନୂଆ କାମ କରି
ରଖିବ ଆପଣା ଟେକ
ଲାଗି ଜାଗି ଦିନେ ଦୂର କରିଦେବ
ସମାଜରୁ ସବୁ ଦୁଃଖ ।

ବଢ଼େଇ ଅଶାନ୍ତି ସବୁ ଅମାରାତି
ତୁମେତ ପାରିବ ତଡି
ଭଲ ପାଠପଢି ନୂଆ କଉଶଳେ
ଦୁନିଆପାରିବ ଗଢି ।

+ କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

# ଫୁଲବାଣୀ ଜିଲ୍ଲା ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା

କନ୍ଧମାଳ, ୨୯/୧୨ (ନି.ପ୍ର): ସ୍ଥାନୀୟ ଜିଲ୍ଲା କ୍ରୀଡା ସମ୍ମିଳନୀ କକ୍ଷରେ କନ୍ଧମାଳ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଏକ ବର୍ଦ୍ଧିତ କାର୍ଯ୍ୟନିର୍ବାହୀ ସଭା, ସଭାପତି ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଭିଭିନ୍ନ ସମସ୍ୟା ଗୁଡିକ ମଧ୍ୟରେ ଜିଲ୍ଲା ସଂଘର ବରିଷ୍ଠ ନାଗରିକ ମାନଙ୍କ ପାଇଁ ପ୍ରତି ବ୍ଲକ ହେଡକ୍ୱାଟର ଓ ଜିଲ୍ଲା ହେଡକ୍ୱାଟର ଫୁଲବାଣୀ ଠାରେ ଗୋଟିଏ ଗୋଟିଏ ଚିତ ବିନୋଦନ କେନ୍ଦ୍ର ନିର୍ମାଣ କରିବା ପାଇଁ ବହୁ ବର୍ଷ ହେଲା ଦାବୀ ହୋଇ ଆସୁଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଏହାକୁ ଉପେକ୍ଷା କରି ଚାଲିଛି । ଏହି ଦାବୀ ଉପରେ ଆଲୋଚନା ବେଳେ ଉପସ୍ଥିତ ସଭ୍ୟ ମାନେ ଗଭୀର ଭାବେ ଦୁଃଖ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଓ ଫାଇଭ-ଟି / ନବୀନ ଓଡିଶା ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରିବାକୁ ସ୍ଥିର କଲେ। ସଂଗଠନ କରାଯାଇ ନ ଥିବା ୩ଟି ବ୍ଲକକୁ ଆସନ୍ତା ଜାନୁୟାରୀ ମାସ ମଧ୍ୟରେ ସଂଗଠିତ କରିବାକୁ ନିଷ୍ପତି ନିଆଯାଇଥିଲା। ବାକି ରହିଥିବା ୬୮୭ ପରିଚୟ ପତ୍ରକୁ ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ ପାଇଁ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ପାଇଁ ସ୍ଥିର କରାଯାଇଥିଲା। ଷ୍ଟେଟ ବ୍ୟାଙ୍କର ପ୍ରତ୍ୟେକ ମାସର ପ୍ରଥମ ୧୦ ଦିନ ଗୋଟିଏ ସ୍ୱତନ୍ତ୍ର କାଉଂଟରର ବ୍ୟବସ୍ଥା ଠିକ୍ ଭାବରେ ପରିଚାଳିତ ହେଉ ନ ଥିବାରୁ ତାହାର ପରିଚାଳନା କଡା କଡି ଭାବେ ପରିଚାଳନା କରିବାକୁ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକଙ୍କୁ ସାକ୍ଷାତ କରିବା ପାଇଁ ସ୍ଥିର ନିଷ୍ପତି ନିଆଯାଇଛି। ଜିଲ୍ଲା ସଦର ମହକୁମାରେ ଥିବା ମୁଖ୍ୟ ଡାକ୍ତରଖାନାରେ ବରିଷ୍ଠ ନାଗରିକମାନେ ଯେପରି ଧାଡିରେ ଠିଆ ନ ହୋଇ ସ୍ୱତନ୍ତ୍ର ଭାବେ ତାଙ୍କୁ ଔଷଧ ପ୍ରଦାନ ନିମନ୍ତେ ମୁଖ୍ୟ ଡାକ୍ତରଖାନାରେ ଅଗ୍ରାଧିକାର ଭିତିରେ ସୁବିଧା ଯୋଗାଇ ଦେବା ପାଇଁ ଅନୁରୋଧ କରାଗଲା, ସଂଘର ସମ୍ବିଧାନ ସଂଶୋଧନ ଫେବୃୟାରି ମାସ ଶେଷ ସୁଦ୍ଧା ପଞ୍ଜିକରଣ ଅଧିକାରୀ ଙ୍କ ଗୋଚରକୁ ଜଣାଇବା ପାଇଁ ସ୍ଥିର କରାଯାଇଛି, ବଲାଙ୍ଗୀର ଖୋର୍ଦ୍ଧା ରେଳ ଲାଇନକୁ ଭାୟା ଫୁଲବାଣୀ ନେବା ପାଇଁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିବା ପାଇଁ ସଭାରେ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଆଲୋଚନା ପାଇଁ ସଭାରେ ଭାଗ ନେଇଥିଲେ ସମ୍ପାଦକ ପଦ୍ମଚରଣ ସାହୁ, ସହଦେବ ସେନାପତି, ଦୁଃଖିଶ୍ୟାମ ପାତ୍ର, ତ୍ରିନାଥ ବେହେରା, ରବିନାରାୟଣ ସୁବୁଦ୍ଧି, ପ୍ରମୋଦ ପଟ୍ଟନାୟକ, ମୋଚିରାମ ମିଶ୍ର, କାଶୀନାଥ ମହାରଣା, ଡଃ. ରାଜକିଶୋର ବେହେରା, ସୁବାସ ଚନ୍ଦ୍ର ନାୟକ, ଅଚ୍ୟୁତାନନ୍ଦ କହଁର, ବାଞ୍ଛାନିଧି ନାୟକ, ଉମାଚରଣ ମୁଖୀ, ପ୍ରଫୁଲ କୁମାର ବେହେରା ଓ ଅନ୍ୟମାନେ ।

# ମେଣ୍ଡାରେ ୪୧ତମ ଗ୍ରାମାଂଚଳ କ୍ରିକେଟ ଟୁର୍ଣ୍ଣାମେଂଟ

ସୁବର୍ଣ୍ଣପୁର, ୨୯/୧୨ (ନି.ପ୍ର): ତରଭା ବ୍ଲକ ମେଣ୍ଡା ହାଇସ୍କୁଲ ପଡିଆ ଠାରେ ୨୭ତାରିଖରୁ ୪୧ତମ ଗ୍ରାମାଂଚଳ କ୍ରିକେଟ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇଯାଇଛି। ମେଣ୍ଡା ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶମ୍ଭୁଭୂଷଣ ପର୍ଦ୍ଧିଆ ଓ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ନାରାୟଣ ଝାଙ୍କର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଲାଙ୍ଗିର ଜିଲ୍ଲା ବେନ୍ଦ୍ରା ଓ ଜାମଗାଁ କ୍ରିକେଟ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବେନ୍ଦ୍ରାଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଧୁମାମରା ଓ ସରଗାଡ ମଧ୍ୟରେ ହୋଇ ସାରଗାଡ ଦଳ ବିଜୟୀ ହୋଇଥିଲା। ତେବେ ପ୍ରଥମ ଦିନର କ୍ୱାଟର ଫାଇନାଲ ମ୍ୟାଚ୍ ବେନ୍ଦ୍ରା ଓ ସରଗାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ସରଗାଡ ଦଳ ଏଥିରେ ବିଜୟୀ ହୋଇଥିଲା। ବେନ୍ଦ୍ରାଦଳ ନିର୍ଦ୍ଧାରିତ ୧୦ ଓଭରରେ ୮୦ରନ କରିଥିବା ବେଳେ ସରଗାଡ ଦଳ କୌଣସି ୱିକେଟ ନହରାଇ ୬ ଓଭରରେ ୮୧ରନ କରି ବିଜୟୀ ହୋଇଥିଲେ। ସରଗାଡ ଦଳ ପ୍ରଥମ ସେମିଫାଇନାଲ ଖେଳିବାକୁ ଉତୀର୍ଣ୍ଣ ହୋଇଛି। ଆଜି ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ୍ ମେଣ୍ଡା ସ୍ପୋଟିଂ କ୍ଲବ ଓ ସେମେଲମୁଣ୍ଡା କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମେଣ୍ଡା ସ୍ପୋଟିଂ କ୍ଲବ ୧୦ଓଭରରେ ୧୪୩ ରନ କରି ସେମେଲମୁଣ୍ଡା ଦଳକୁ ୧୪୪ ରନର ଟାର୍ଗେଟ ଦେଇଥିଲା। ତେବେ ମାତ୍ର ସେମେଲମୁଣ୍ଡା ଦଳ ୪୯ ରନରେ ଅଲଆଉଟ ହୋଇଯାଇଥିଲେ। ମେଣ୍ଡା ସ୍ପୋଟିଂ କ୍ଲବ ୯୪ ରନରେ ବିଜୟୀ ହୋଇଥିଲେ। ଖେଳକୁ ଅବିନାଶ ଫରିକାର ଓ ବିଶ୍ୱରଂଜନ ଦଳବେହେରା ଅମ୍ପାୟାର ରହି ପାରିଚାଳନା କରୁଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୬ଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଛନ୍ତି। ୩୧ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବିଜୟୀ ଦଳ ପାଇଁ ଟ୍ରଫି ସହ ୧୫ହଜାର ଟଙ୍କା ଓ ରନର୍ସଅପ୍? ଦଳ ପାଇଁ ଟ୍ରଫି ସହ ୯ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମେଣ୍ଡା ସ୍ପୋଟିଂ କ୍ଲବର ମହାଦେବ ଜେନା, ସହଦେବ କର୍ଣ୍ଣ, ସବ୍ୟସାଚୀ ଦଣ୍ଡସେନା, ଧିରେନ୍ଦ୍ର ଝାଙ୍କର, ପିଙ୍କୁ ହାତୀ, ଅନ୍ତର୍ଯ୍ୟାମୀ ଦଣ୍ଡସେନା, ବିଶିକେଶନ ବେହେରା, ପିଂଟୁ ଦାସ, ରିତେଶ ବରାଇ, ମନ ବିଶ୍ୱାଲ, ସୁରଜ ସରାଫ ପ୍ରମୁଖ ସହଯୋଗ କରୁଛନ୍ତି। ଟୁର୍ଣ୍ଣାମେଂଟ ଦେଖିବାକୁ ମେଣ୍ଡା, ପାଇକବାହାଲ, ଦେଉଳପଦର, ପୁଆ ଇତ୍ୟାଦି ପଂଚାୟତର ହଜାର ହଜାର ଦର୍ଶକ ସାମିଲ ହେଉଛନ୍ତି।

# ଘର ପଟ୍ଟା ପ୍ରଦାନ ସହ ଭତ୍ତା ବୃଦ୍ଧି ନେଇ ଦାବି

ଜୟପୁର , ୨୯/୧୨ (ନି.ପ୍ର): ଘର ପଟ୍ଟା ପ୍ରଦାନ କରିବା ସହ ଭତ୍ତା ବୃଦ୍ଧି କରିବାକୁ ଯୁବ ସଂଗଠନ ଗୁରୁବାର ଦାବି କରିଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ର ଦାବି ପତ୍ର ପ୍ରଦାନ କରିଥିବା ବେଳେ ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ହଜାର ହଜାର ବସ୍ତି ବାସିନ୍ଦାଙ୍କୁ ଡ୍ରୋନ ସର୍ଭେ କରି ଘର ପଟ୍ଟା ବଦଳରେ ଯୋଗ୍ୟତା ପ୍ରମାଣ ପତ୍ର ଗରିବ ଲୋକଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ନିରିହ ଗରିବ ଏହି ଯୋଗ୍ୟତା ପ୍ରମାଣ ପତ୍ର ମାଧ୍ୟମରେ ଆଜି ଯାଏ କୌଣସି ଆବାସ ଗୃହ ପାଇ ପାରୁ ନାହାନ୍ତି । ଏହାକୁ ଦେଖାଇଲେ ଏହା ମାଧ୍ୟମରେ ବ୍ୟାଙ୍କରେ ଋଣ ମିଳୁ ନାହିଁ କି ସ୍ଥାୟୀ ପ୍ରମାଣ ପତ୍ର ମଧ୍ୟ ମିଳୁ ନାହିଁ । ଯେତେ ବେଳେ ଏହି ଯୋଗ୍ୟତା ପ୍ରମାଣ ପତ୍ର ମାଧ୍ୟମରେ ସରକାରି ସୁବିଧା ମିଳୁ ନାହିଁ । ତାହା ହେଲେ ଏହି ପ୍ରମାଣ ପତ୍ରର କିଛି ଅର୍ଥ ନାହିଁ । ଯେଉଁ ହିତାଧିକାରି ଙ୍କୁ ଡ୍ରୋନ ସର୍ଭେ କରି ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ସେ ମାନଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ କରାଯାଉ । ଓଡିଶାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା କେବଳ ୫ ଶହ ଟଙ୍କା ପ୍ରଦାନ କରାଯାଉଛି । ବର୍ତ୍ତମାନ ବଜାର ଦର ଆକାଶ ଛୁଆଁ ହୋଇଥିବା ବେଳେ ଏହି ୫ଶହ ଟଙ୍କାରେ କିପରି ଜାବିନ ଅତିବାହିତ କରିପାରିବ । ଯେତେ ବେଳେ କି ଆମ ଭାରତର ଅନ୍ୟ ରାଜ୍ୟ ମାନଙ୍କରେ ଭତ୍ତା ଆନ୍ଧ୍ରରେ ୨୫ ଶହ ତେଲେଙ୍ଗାନାରେ ୪ ହଜାର, ପଞ୍ଜାବରେ ୧୫ ଶହ, ସିକିମ ରେ ୨ ହଜାର ଏଭଳି ରହିଥିବା ବେଳେ ଓଡିଶାରେ ମାତ୍ର ୫ ଶହ ରେ ଜଣେ ହିତାଧିକାରି ଚଳିବା କଷ୍ଟ କର ହୋଇପଡିଛି ।

## ଗଡପଦର ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର , ୨୯/୧୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଗଡ ପଦର ଜଙ୍ଗଲରେ ଗୁରୁବାର ଅବକାରୀ ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିବା ସହ ପ୍ରସ୍ତୁତି କରୁଥିବା ସୁଚନା ପାଇ ଜୟପୁର ଅବକାରୀ ବିଭାଗ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରୀ ବିଭାଗ । ଚଢାଉ କରି ୬ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ . ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପନ ଉତ୍ସବ

ଭୁବନ, ୨୯/୧୨ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ - ଓ , ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଲୁକ୍କାୟିତ ପ୍ରତିଭା ମାନଙ୍କର ବିକାଶ ପାଇଁ ନୂଆ - ଓ ହେଉଛି ପ୍ରମୁଖ ମାଧ୍ୟମ । ଶିକ୍ଷା ହିଁ ବିକାଶ ର ମୂଳ ମନ୍ତ୍ର। ଯେଉଁ ଅଂଚଳ ଯେତେ ଶିକ୍ଷିତ ସେହି ଅଂଚଳ ସେତେ ସମୃଦ୍ଧ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ କହିଥିଲେ ଯେ, ଜନପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମ ନୂଆ - ଓ ରେ ସମସ୍ତେ ସାମିଲ ହୋଇ ଯୁବ ଓଡ଼ିଶା ନବୀନ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ କହିଥିଲେ ଯେ, ନାରୀ ମାନଙ୍କର ସମାଜ ଗଠନରେ ପ୍ରମୁଖ ଭୂମିକା ରହିଛି । ସେଥି ପାଇଁ 'ମା ହେଲେ ପାଠୋଇ, ଦେଶ ଯିବ ଆଗେଇ ' ବୋଲି ବିଜୁ ବାବୁ ସ୍ଲୋଗାନ ଦେଇ ନାରୀ ଶିକ୍ଷାର ବ୍ୟାପକ ପ୍ରସାର କରିଥିଲେ । ନାରୀ ମାନେ ଶିକ୍ଷିତ ଓ ସଚେତନ ହେଲେ ସମୃଦ୍ଧ ଦେଶ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ର ପୂର୍ବତନ ସମ୍ପାଦକ ଦେବବ୍ରତ ପୃଷ୍ଟି କହିଥିଲେ ଯେ ,୧୯୯୦ ଦଶକ ରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟକୁ ବେଶ୍ ଗୁରୁତ୍ୱ ଦିଆଯାଇଥିଲା । ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ ସମସ୍ତଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ କାମାକ୍ଷା ନଗର ନିର୍ବାଚନ ମଣ୍ଡଳୀ ରେ ବ୍ୟାପକ ସ୍କୁଲ ,କଲେଜ ଖୋଲି ଯେଉଁ ସ୍ୱପ୍ନ ଦେଖିଥିଲେ । ଆଜି ସେ ସ୍ୱପ୍ନ ସାକାର ହୋଇଛି । ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଯୋଗାଇ ଦେଇ ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ ରୂପାନ୍ତରଣ କରୁଛନ୍ତି । ନୋଡାଲ ଅଫିସର୍ ଡ଼ଃ. ମମତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ବିବରଣୀ ପାଠ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆ - ଓ ନୋଡାଲ ଅଫିସର ଅଧ୍ୟାପିକା ସୁପ୍ତିମୟୀ ସେନ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ସାମାଜିକ,ସାଂସ୍କୃତିକ ଓ କ୍ରୀଡ଼ାରେ ୩୦ ଟି ବିଭାଗ ରେ ୯୦ ଜଣ, ଡିଗ୍ରୀ ମହାବିଦ୍ୟାଳୟ ରେ ୩୩ ଟି ବିଭାଗରେ ୯୯ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରଶଂସା ପତ୍ର ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାନ୍ତନୁ ଦାଶ, ବିଜୟ ପୃଷ୍ଟି, କୈଳାସ ପାତ୍ର, ସୁରେନ୍ଦ୍ର ଗୁରୁ, ଅଧ୍ୟାପକ ଶୁଭମ୍ ବେହେରା, ଅଧ୍ୟାପିକା ସୁଶ୍ରୀ ସମ୍ବେଦୀତା ସ୍ୱାଇଁ, ପ୍ରଣତୀ ବେହେରା, ବାସନ୍ତୀ ବେହେରା, ଗଦାଧର ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ମଣ୍ଡିକୁ ଟାର୍ଗେଟର ୫୦ ପ୍ରତିଶତ ଧାନ ଆସୁଛି

ମାଲକାନଗିର, ୨୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଆରଏମସି ପରିସରରେ ଧିବା ଧାନ ମଣ୍ଡିକୁ ଧାନ ଆସୁନାହିଁ । ପ୍ରତି ବର୍ଷ ଏହି ମଣ୍ଡିରେ ଧାନ ରଖିବାକୁ ସ୍ଥାନ ମିଳି ନ ଥାଏ । ତେବେ ଚଳିତ ବର୍ଷ ମାଲକାନଗିରି ସଦର ମହକୁମାର ଏହି ଧାନ ମଣ୍ଡିରେ ୨୦୦୦ କ୍ୱିଂଟାଲ ଧାନ କିଣିବାକୁ ସ୍ଥିର ହୋଇଥିବା ବେଳେ ଏଠାରେ ଧାନ କିମ୍ବା ଚାଷୀଙ୍କ ଭିଡ ନାହିଁ । କାରଣ ଓଡିଶାରେ ଧାନର ସହାୟକ ମୂଲ୍ୟ ୨୧୮୩ ରୁ ୨୨୦୩ ଟଙ୍କା ହୋଇଥିବା ବେଳେ ପଡୋଶୀ ଛତିଶଗଡ଼ରେ ୩୧୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ ଦରରେ ଧାନ କିଣୁଛନ୍ତି ସରକାର । ଆଉ ଛତିଶଗଡ଼ର ଦଲାଲମାନେ ଓଡିଶା ଚାଷୀଙ୍କ ଘରୁ ଆସି ୨୨୦୦ କିମ୍ବା ୨୩୦୦ ପ୍ରତି କ୍ୱିଂଟାଲ ନଗଦ ଦରରେ ଧାନ କିଣି ସେହିପରି ମଣ୍ଡି ବିଳମ୍ବରେ ଆରମ୍ଭ ହେଉଥିବାରୁ ଚାଷୀମାନେ ବିଲରୁ ହିଁ ଧାନ ବିକିବା ଆରମ୍ଭ କରନ୍ତି । ଗତବର୍ଷ ଡିସେମ୍ବର ୧୪ ତୁଳନାରେ ଚଳିତ ବର୍ଷ ଡିସେମ୍ବର ୨୦ରେ ମଣ୍ଡି ଆରମ୍ଭ ହୋଇଛି । ଏହାର ପୂର୍ବରୁ ଧାନ ବିକ୍ରି କରି ଦେଇଛନ୍ତି ଚାଷୀ । ମାଲକାନଗିରି ମଣ୍ଡିରେ ପ୍ରତିଦିନ ୨ ହଜାର କ୍ୱିଂଟାଲ ଧାନ କିଣିବା ଲାଗି ପ୍ରୋଗ୍ରାମ ରହିଥିବା ବେଳେ ପ୍ରଥମ ଦିନରେ ୭୧୯, ଦ୍ୱିତୀୟ ଦିନରେ ୧୪୧୬, ତୃତୀୟ ଦିନରେ ୧୧୩୧ ଓ ବୁଧବାର ଚତୁର୍ଥ ଦିନରେ ପ୍ରାୟ ୧୪୦୦ କ୍ୱିଣ୍ଟାଲ ଧାନ କିଣା ହୋଇଛି । ଯାହା ଟାର୍ଗେଟ ଠାରୁ ୪୦ ପ୍ରତିଶତ କମ୍ ବୋଲି ଜଣାପଡିଛି ।

ସେହିପରି ସମଗ୍ର ଜିଲ୍ଲାରେ ଗତ ବର୍ଷ ୨୫ ତାରିଖ ସୁଦ୍ଧା ୨ ଲକ୍ଷ ୪୩ ହଜାର ୬୦୫ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ବେଳେ ଚଳିତ ବର୍ଷ ୨୫ ତାରିଖ ସୁଧା ମାତ୍ର ୧ ଲକ୍ଷ ୧୧ ହଜାର କ୍ୱିଣ୍ଟାଲ ଧାନ କିଣା ହୋଇଛି । ଯାହା ୫୦ ପ୍ରତିଶତ ଠାରୁ ବି କମ ବୋଲି ଜଣାପଡିଛି। ଚଳିତ ବର୍ଷ ଟାର୍ଗେଟ ଅନୁଯାୟୀ ଧାନ କ୍ରୟ ହେବା ନେଇ ଏବେ ଠାରୁ ଆଶଙ୍କା ପ୍ରକାଶ ପାଇଲାଣି।

## ବେଆଇନ୍ ମୋରୋମ ଚାଲାଣ ବେଳେ ଟ୍ରାକ୍ଟର ଜବତ

ଚମ୍ପୁଆ, ୨୯/୧୨ (ନି.ପ୍ର): ଚମ୍ପୁଆ ଏନଏସିରୁ ବେଆଇନ୍ ମୋରମ ଚାଲାଣ କରୁଥିବାବେଳେ ଏକ ଟ୍ରାକ୍ଟର ଧରାପଡ଼ିଛି। ଚମ୍ପୁଆ ଡିଡିଏମ ସୁପ୍ରଭା ନାଏକ ଆଜି ସଦଳବଳେ ଚଢ଼ାଉ କରି ଚମ୍ପୁଆ ବଜାରରୁ ଏକ ବେଆଇନ ମୋରମ ଚାଲାଣ କରୁଥିବା ଟ୍ରାକ୍ଟରକୁ ଧରି ପଚାଶ ହଜାର ଟଙ୍କା ଜୋରିମାନା କରିଥିବା ଜଣା ପଡିଛି। ସୂଚନା ଯୋଗ୍ୟ କି, ଗତ କିଛି ମାସ ହେବ ଚମ୍ପୁଆ ଏନଏସିର ଦୁଇ ନମ୍ବର ୱାର୍ଡ ପାଂଚ ପୋଖୋରିଆରୁ ବ୍ୟାପକ ବେଆଇନ୍ ମୋରମ ଖନନ ଓ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ମୋରମ ଚାଲାଣ କରି ମୋରମ ମାଫିଆ ମାଲେମାଲ ହେଉଥିବାବେଳେ ସରକାରଙ୍କ ମାସିକ ଲକ୍ଷାଧିକ ଟଙ୍କା ର ରାଜସ୍ୱ ହାନି ଘଟୁଥିଲା। ଖବର ପାଇ ଚମ୍ପୁଆ ଡିଡିଏମ ଆଜି ମୋରମ ଚାଲାଣ କାରୀ ଙ୍କ ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋରମ ଖନନ ହେଉଥିବା ସ୍ଥାନ ଗୁଡିକୁ ଯାଇ ନିରୀକ୍ଷଣ କରିଛନ୍ତି ଓ ଆଗାମୀ ଦିନରେ ଏହିପରି ଚଢ଼ାଉ ଜାରି ରହିବା ନେଇ ସୂଚନା ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ଏସିଡ୍ ମାଡ: ପୁଅ ଗୁରୁତର ବାପା ଆହତ, ଜଣେ ଅଟକ

କନ୍ଧମାଳ , ୨୯/୧୨ (ନି.ପ୍ର): ଫୁଲବାଣୀ ସହରରେ ଜନଗହଳି ଅଂଚଳରେ ଉଜ୍ୱଳ ଦିବାଲୋକରେ ଜଣେ ବ୍ୟକ୍ତି ଦୁଇ ଜଣଙ୍କ ଉପରକୁ ଏସିଡ୍ ଫୋପାଡି ଦେଇଛି। ଆଜି ଅପରାହ୍ନ ପ୍ରାୟ ଗୋଟାଏ ୩୦ ମିନିଟ୍ ସମୟରେ ସ୍ଥାନୀୟ ମାଷ୍ଟରପଡା ନିକଟସ୍ଥ ଶଶୀ ଦୋକାନ ଛକରେ ପ୍ରମୋଦ ସାହୁ ନାମକ ଜଣେ ଯୁବକ ସୂରଜ ମହାନ୍ତି ନାମକ ଆଉଜଣେ ଯୁବକଙ୍କ ଉପରକୁ ଅତର୍କିତ ଭାବରେ ଏସିଡ୍ ଫୋପାଡି ଥିଲେ ଫଳରେ ସୂରଜ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କର ଗୋଟିଏ ଆଖିରେ ଏସିଡ ପଡିଯାଇଛି। ଖବର ପାଇ ସୂରଜଙ୍କ ବାପା ଚନ୍ଦ୍ର ମହାନ୍ତି ଘଟଣା ସ୍ଥଳରେ ପହଂଚି ଥିଲେ ତାଙ୍କ ଏପରକୁ ମଧ୍ୟ ପ୍ରକାଶ ଏସିଡ୍ ଫୋପାଡି ଦେଇଥିଲେ। ତେବେ ସେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ସ୍ଥାନୀୟ ପଟ୍ଟାବାଲି ସାହି ନିକଟରେ ଗୋଟିଏ ଦୋକାନ କରିଛନ୍ତି। ତେବେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ଏହି ଘଟଣା ଘଟିଥିବା ନେଇ ପ୍ରତ୍ୟକ୍ଷଦର୍ଶୀ ମାନେ କହିଥିବା ଜଣାପଡିଛି। ତେବେ ସୂରଜ ଗୁରୁତର ଭାବେ ଆହତ ହୋଇଥିବା ଯୋଗୁଁ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତାଙ୍କୁ ବ୍ରହ୍ମପୁର କୁ ରେଫର କରିଛନ୍ତି। ଫୁଲବାଣୀ ପୋଲିସ୍ ଖବର ପାଇ ପ୍ରକାଶଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଜିଲ୍ଲା କଂଗ୍ରେସ କମିଟି ତରଫରୁ ସେବା ଓ ବଳିଦାନର ୧୩୮ତମ ବର୍ଷ

ବଲାଙ୍ଗୀର, ୨୯/୧୨ (ନି.ପ୍ର): ସ୍ଥାନୀୟ କଂଗ୍ରେସ ଭବନ ଠାରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସେବା ଓ ବଳିଦାନର ୧୩୮ତମ ବର୍ଷ ଏବଂ ଭାରତୀୟ ଜାତୀୟ କଂଗ୍ରେସ ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତର ଜାତୀୟ ପିତା ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦାର ବଲ୍ଲଭଭାଇ ପଟେଲ, ଲାଲ ବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦେଶ ପାଇଁ ସେମାନଙ୍କର ତ୍ୟାଗ ଓ ବଳିଦାନର ଗାଥା ସ୍ମରଣ କରାଯାଇଥିଲା। ଦଳ ପାଇଁ ସମର୍ପିତ ପ୍ରତ୍ୟେକ କର୍ମୀଙ୍କୁ ଦଳ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କଂଗ୍ରେସ ସରକାର ଥିବା ସମୟରେ ଦେଶର ଅର୍ଥନୀତି ସୁଦୃଢ ଥିଲା ତଥା ଦେଶରେ ସାମ୍ପ୍ରଦାୟିକତାବାଦ ନ ଥିଲା ବୋଲି ମତ ପ୍ରକାଶ ପାଇଥିଲା। ଆଜିର ଏହି ସଭାରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁ ଓ ଅନ୍ୟମାନଙ୍କ ମଧ୍ୟରେ କୈଳାସ ମିଶ୍ର, ନାସିର ଖାନ, ନୀତିଶ ପଧାନ, ସଞ୍ଜୟ ମିଶ୍ର, ସମୀର କୁମ୍ଭାର, ରଜାକ୍ ଖାନ, କିଶୋର ଦଣ୍ଡସେନା, ଅନ୍ତ ମଛଖଣ୍ଡ ପ୍ରଭୃତି ଉପସ୍ଥିତ ଥିଲେ।

# କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ

ପୁରୀ , ୨୯/୧୨ (ନି.ପ୍ର): ପିପିଲି ମହାବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ର ମିଳିତ ସହଯୋଗରେ ପୁରୀ ଜିଲ୍ଲା ସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ମେଳା ରେ ୨୫ ରୁ ଅଧିକ ନିଯୁକ୍ତି ଓ ତାଲିମଦାତା ସଂସ୍ଥା ଯଥା କଟକ ଆର୍ମୀ ଭର୍ତ୍ତି କାର୍ଯ୍ୟାଳୟ, ହୋଣ୍ଡା, ଡାକ୍ତର ରେଡ୍ଡି''ସ୍, ଆପାସ୍ କଂସଲଟାନସି, ଆଇସିଆଇସିଆଇ ବ୍ୟାଙ୍କ, ଶାହୀ ଏକ୍ସପୋର୍ଟ, ଗ୍ରାମ ତରଙ୍ଗ, ସ୍ୱତନ୍ତ୍ର, ଲାଇଫ୍ ଲାଇଟ୍ କ୍ୟାରିଅର୍ ସଲ୍ୟୁସନ୍, ୱିନ୍ନନ୍ ଇଣ୍ଡିଆ, ଆରୋଗ୍ୟ ହୋମ୍ କେ୍ୟାର୍, ହୋଲିଡେ ରିସର୍ଟ ପୁରୀ, ଯଶସ୍ୱୀ ଏକାଡେମୀ, କ୍ରେଡିଟ୍ ଆସେସ୍ ଗ୍ରାମିନ୍ ଲିମିଟେଡ୍, ସିପେଟ ଆଦି ଯୋଗଦେଇଥିଲେ ।ଚାକିରି ଅନ୍ୱେଷଣ ରେ ଥିବା ୫ମ ଶ୍ରେଣୀ ପାସ୍ ଓ ତଦୁର୍ଦ୍ଧ୍ୱ ସ୍କୁଲ, କଲେଜ ( ୨ ଓ ୩), ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ଏବଂ ଅଧାରୁ ପାଠ ଛାଡିଥିବା ଯୁବକ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ରାଜ୍ୟ ସରକାର ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇବା ସହ ସେମାନଙ୍କ ର ଦକ୍ଷତା ବିକାଶ ପାଇଁ ସମସ୍ତ ଉଦ୍ୟମ କରୁଛନ୍ତି ।ଯାହାର ଅଂଶ ବିଶେଷ ଏହି ନିଯୁକ୍ତି ମେଳା ଓ ନୂଆ ଓ କାର୍ଯ୍ୟକ୍ରମ ବୋଲି କହିଥିଲେ ।ପିଲାମାନେ ସେମାନଙ୍କ ଯୋଗ୍ୟତା,ଦକ୍ଷତା ଓ ପ୍ରତିଭା ଆଧାର ରେ ନିଜର ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ନିଯୁକ୍ତି ମେଳା ର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଏହା ଦ୍ୱାରା ପିଲା ମାନଙ୍କ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ପିପିଲି ଏନ ଏ ସି ଅଧ୍ୟକ୍ଷ ଏସ କେ ବାବୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସେନା ଅଧିକାରୀ ମେଜର ହେମେନ୍ଦ୍ର ସିଂହ୍ (ଏଆର୍ଓ କଟକ), ଅତିଥି ଭାବେ ଯୋଗଦେଇ ଆଶାୟୀ ପ୍ରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମ କୁ କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ ପରିଚାଳନା କରିଥିଲେ ।ମୋଟ ୬୫୦ ପିଲା ପଞ୍ଜିକରଣ କରିଥିବା ବେଳେ ମୋଟ ୨୭୦ ଆଶାୟୀ ପ୍ରାର୍ଥୀ ଙ୍କୁ ବିଭିନ୍ନ ସଂସ୍ଥା ନିଯୁକ୍ତି ଦେବା ପାଇଁ ଚୟନ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ନିଯୋଜନ କାର୍ଯ୍ୟାଳୟ ର ପୁଷ୍ପଲତା ପ୍ରଧାନ, ନିରାକାର ପ୍ରଧାନ, ବାମଦେବ ସାହୁ ପ୍ରମାଣ ସହଯୋଗ କରିଥିଲେ।

# ଜିଲ୍ଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀକୁ ରେଳପଥ ସଂଯୋଗ ପାଇଁ ଗଣଧାରଣା ଓ ଦାବିପତ୍ର ପ୍ରଦାନ

କନ୍ଧମାଳ , ୨୯/୧୨ (ନି.ପ୍ର): ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀ ସହରକୁ ରେଳ ସଂଯୋଗ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦିନିକିଆ ଗଣଧାରଣା ଅନୁଷ୍ଠିତ ହୋଇଛି ।ଦୀର୍ଘ ୪୫ବର୍ଷ ହେଲା ହୋଇଆସୁଥିବା ଦାବୀ ପ୍ରତି ସରକାର ଆଖିବୁଜି ଦେଉଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ଫୁଲବାଣୀ ସଦର ମହକୁମା ଦେଇ ଯିବାପାଇଁ ସରକାରଙ୍କ ପ୍ରସ୍ତାବ ଥିଲା ।କିନ୍ତୁ ହଠାତ ଗତ ଏକବର୍ଷ ହେବ ଏଥିରେ ପରିବର୍ତ୍ତନ କରି ଫୁଲବାଣୀ ସଦର ମହକୁମାକୁ ସହରକୁ ବାଦ ଦେଇ ଚକାପାଦ ଠାରୁ ଖୋର୍ଦ୍ଧା ବଲାଙ୍ଗୀର ରେଳପଥକୁ ସଂଯୋଗ କରିବାକୁ ଡିପିଆର ପ୍ରସ୍ତୁତ ହୋଇଥିବା ଜଣାପଡିଛି ।କନ୍ଧମାଳ ଜିଲା ରାଜ୍ୟ ମାନଚିତ୍ରରେ ମଧ୍ୟସ୍ଥଳରେ ଥିବା ବେଳେ ଦେଶ ସ୍ୱାଧିନର ୭୬ବର୍ଷ ପରେ ମଧ୍ୟ ଜିଲାବାସୀ ରେଳ ସଂଯୋଗରୁ ବଂଚିତ ।କନ୍ଧମାଳ ଜିଲାର ଫୁଲବାଣୀ ସହରକୁ ବାଦ ଦେଇ ନାମକୁମାତ୍ର କ ଚକାପାଦ ବ୍ଲକରେ ଗୋଟିଏ ରେଳ ଷ୍ଟେସନ କରି କନ୍ଧମାଳବାସୀଙ୍କୁ ସରକାର ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ।ଅନ୍ୟ ରାଜ୍ୟ ଓ ଜିଲାରେ କନ୍ଧମାଳ ଠାରୁ ଅଧିକ ଘାଟି ପାହାଡ ଥାଇ ରେଳପଥ ନିର୍ମାଣ କରାଯାଇଥିଲା ବେଳେ ,ଘାଟିପାହାଡ ଆଳଦେଖାଇ ଫୁଲବାଣୀ ସହରକୁ ରେଳପଥ ସଂଯୋଗ ନକରିବା ଏକ ଷଡଯନ୍ତ୍ର। ଏତଦ ବ୍ୟତୀତ ଲାଞ୍ଜିଗଡ-ତାଳଚେର ଭାୟା ବାଲିଗୁଡା, ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ରେଳ ବିଭାଗ ଅନୁମୋଦନ କରି କାର୍ଯ୍ୟ ଆରମ୍ଭ କରିବାକୁ ଅଗ୍ରାଧିକାର ଦେବା ଆବଶ୍ୟକ ।ସରକାରଙ୍କୁ ସ୍ମରଣ କରାଇଦେବାକୁ ଜିଲା ରେଳପଥ କ୍ରିୟାନୁଷ୍ଠାନ କମିଟିର ସଭାପତି କମଳାକାନ୍ତ ପାଣ୍ଡେଙ୍କ ସହ ଡ ଅରୁପ ଜେନା, ସୁନିଲ ପଟନାୟକ, ଆବାହକ ଅଶୋକ ପରିଡା, ପ୍ରଣବ ମଣ୍ଡଳ, ନବୀନ କିଶୋର ପଣ୍ଡା, ବ୍ରଜ ପଟ୍ଟନାୟକ,ପ୍ରଶାନ୍ତ ବେହେରା ,ବିକାଶ ମହାନ୍ତି, ମଧୁସୂଦନ ସାହୁ ,ନାରାୟଣ ସାହୁ,ମୋହନ ପ୍ରଧାନ,ଭୀମସେନ ମିଶ୍ର, ଅବନୀ କହଁର, ପଂଚାନନ କହଁର, ଶିବାଶିଷ ପଣ୍ଡା,ବିରଜା ନାହାକ, ପ୍ରମୋଦ ସାହୁ, ପରେଶ ମହାପାତ୍ର ,କୁନ୍ଦନ ସିଂ,ଶ୍ୟାମ ସୁନ୍ଦର ପଣ୍ଡା, ଜୟସେନ ପରିଡା,ସନ୍ୟାସୀ ବେହେରା,ହୁସେନ ଖାଁ, ଋଷି କହଁର,ବିକ୍ରମ ମଲିକ, ସିମାଂଚଳ ମଲିକ, ପ୍ରଶନ୍ନ ବେହେରା ,ଉମେଶ ପାତ୍ର ପ୍ରମୁଖ ଶତାଧିକ ବ୍ୟକ୍ତି ଗଣ ଧାରଣା ରେ ଯୋଗଦେଇ ଥିଲେ। ଯୋଗ ଦେଇଥିଲେ। ସରକାର ପଦକ୍ଷେପ ନ ନେଲେ ଆଗକୁ ଭୁବନେଶ୍ୱର ଠାରେ ଗଣଧାରଣା ସହ ଜିଲାରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ସାଧାରଣ ଲୋକଙ୍କ ବନ୍ଧୁ କିଶୋରୀ ମହାରାଜଙ୍କ ପରଲୋକ

ବଲାଙ୍ଗୀର, ୨୯/୧୨ (ନି.ପ୍ର): ସାଧାରଣ ଲୋକଙ୍କ ସାଥୀ ପୂର୍ବତନ କାଉନସିଲର କିଶୋରୀ ମହାରାଜଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ କିଶୋର ଚନ୍ଦ୍ର ଦାସ ଗରିବ ଜନସାଧାରଣଙ୍କ ପ୍ରତି ତାଙ୍କର ସମ୍ବେଦନଶିଳତା ପାଇ ବହୁ ଚର୍ଚ୍ଚିତ ଥିଲେ। ସ୍ୱର୍ଗତ ଦାଶ ବଲାଙ୍ଗୀର ପୌର ପାଳିକାକୁ ଏକାଧିକ ଥର ନିର୍ବାଚିତ ହୋଇଥିଲେ। ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ଶ୍ରୀ ଦାସଙ୍କ ସମାଜସେବାରେ ଉର୍ଦ୍ଧିକୃତ ମନୋଭାବ ପାଇଁ ତାଙ୍କୁ ଶ୍ରଦ୍ଧାରେ କିଶୋରୀ ମହାରାଜ ବୋଲି ସମ୍ବୋଧନ କରୁଥିଲେ। ସ୍ୱର୍ଗତ ଦାସ ୧୯୪୧ ମସିହାରେ ବଲାଙ୍ଗିର ଠାରେ ଜନ୍ମଗ୍ରହଣ କରିଥିବାବେଳେ ୨୭.୧୨.୨୦୨୩ ରିଖ ଦିନ ଇହଲିଳା ସମ୍ବରଣ କରିଛନ୍ତି। ସ୍ୱର୍ଗତ କିଶୋରୀ ମହାରାଜ ଗରିବ, ଖଟିଖିଆମାନଙ୍କ ପାଇଁ ସଦା କାର୍ଯ୍ୟ କରି ବଲାଙ୍ଗିର ରେ ବହୁ ଚର୍ଚ୍ଚିତ ଥିଲେ। ତାଙ୍କ ବିୟୋଗରେ ବଲାଙ୍ଗୀରରେ ଶୋକର ଛାୟା ଖେଳି ଯାଇଛି।

# ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ

ଜୟପୁର, ୨୯/୧୨ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ରାମ ପାଡାଳ, ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, କୋଟପାଡ ବିଧାୟିକା ପଦ୍ମିନି ଦିଆନ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ,ସିଡିଏଓ କୋରାପୁଟ ପ୍ରଦିପ କୁମାର ମହାନ୍ତି, ସିଡିଏଓ ନବରଙ୍ଗପୁର ଜି. ଭି. ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାଯ୍ୟକାରି ହେଉଥିବା ଯୋଜନା ଗୁଡିକର ପ୍ରଚାର ଏବଂ ପ୍ରସାର, ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟର ବ୍ୟବସ୍ଥା ଆଦି ବ୍ୟବସ୍ଥା ଉପରେ ଉପସ୍ଥିତ ଅତିଥି ମାନେ ଚାଷି ମାନଙ୍କୁ ସଚେତନ କରିଥିଲେ ।

# ବରଣ୍ଡୁଆ ସୋସାଇଟିରେ ଧାନ ମଣ୍ଡି ଉଦ୍‌ଘାଟିତ



ବାସୁଦେବପୁର, ୨୯/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ସୋସାଇଟିର ସଭାପତି ତଥା ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡ଼ିଓ ସଂଜୀବ କୁମାର ସାହୁ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଅନୁଜ କୁମାର ସାହୁ, ସୋସାଇଟି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ,ବରଣ୍ଡୁଆ ପଂଚାୟତ ର ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୋସାଇଟି ର ଭାଇସ ଚେୟାରମ୍ୟାନ ବିଜୟ ଲକ୍ଷ୍ମୀ ନାୟକ, ବୋର୍ଡ ସଦସ୍ୟ, ଧାନ କିଣା କମିଟି ସଦସ୍ୟ, ରମାକାନ୍ତ ଦାଶ,ରତିକାନ୍ତ ପଣ୍ଡା, ରତିକାନ୍ତ ଜେନା, ଦୀପକ ପୋଇ, ସନ୍ତୋଷ ମହାନ୍ତି, ମହେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବ୍ରାହ୍ମଣ ପୁରୋହିତ ମନ୍ତ୍ର ଉଚ୍ଚାରଣ କରିଥିଲେ ଓ ପୂଜା ପାଠ କରିଥିଲେ । ସମସ୍ତ ଅତିଥି ନଡ଼ିଆ ଫଟାଇ ଶୁଭ ଉଦଘାଟନ କରିଥିଲେ । ସୋସାଇଟି ଷ୍ଟାଫ ଜେନା ବାବୁ, ଗୌରାଙ୍ଗ ବାବୁ, ରଞ୍ଜନ, ସନ୍ତୋଷ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ସବୁବେଳେ କୃଷକ ଭାଇ ଓ ଚାଷୀ ମାନଙ୍କର ଉନ୍ନତି ପାଇଁ ସେବା ସମବାୟ ସମିତି କାର୍ଯ୍ୟ କରୁଛି ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ।

# କେନ୍ଦ୍ରାପଡ଼ା ବ୍ଲକରେ ଆବାସ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ବଂଟନ

କେନ୍ଦ୍ରାପଡ଼ା, ୨୯/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ଆବାସ ଯୋଜନା ହିତାଧିକାରୀ ମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘରକାମ ଶେଷ କରିଥିବାରୁ ସରକାରଙ୍କ ପ୍ରଦତ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୫୪ ଜଣ ହିତାଧିକାରୀ ମାନଙ୍କୁ ଚେକ ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଘର କାମ ଶେଷ କଲେ ୨୦ ହଜାର ଶେଷ କଲେ ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ ବୋଲି ସରକାର ନିୟମ କରିଛନ୍ତି । ଏହି କ୍ରମରେ ୧୧୧୬ ଜଣ ହିତାଧିକାରୀ ଙ୍କ ମଧ୍ୟରୁ ୩୫୩ ଜଣ ଘରକାମ ସଂପୂର୍ଣ୍ଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୦ ଜଣ ନିର୍ଦ୍ଦିଷ୍ଟ ୪ ମାସ ଓ ୬ ମାସ ମଧ୍ୟରେ ଶେଷ କରିଛନ୍ତି । ସେଥିରୁ ୯୦ ଜଣଙ୍କୁ ପୂର୍ବରୁ ଦିଆ ଯାଇଥିବାବେଳେ ଆଜି ୫୫ ଜଣଙ୍କୁ ବଂଟନ କରାଯାଇଛି । ଅବଶୀଷ୍ଟ ୪୫ ଜଣଙ୍କୁ ପରେ ବଂଟନ କରାଯିବ ବୋଲି ଜଣାପଡିଛି । ଏହି ପ୍ରୋତ୍ସାହନ ରାଶି ବଂଟନ ସମୟରେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ବିଡିଓ ବନ୍ଦନା ଖଟୁଆ, ଏବିଡିଓ ଅନିରୁଦ୍ଧ ବେହେରା, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ବିପିସିଆରଏଚ୍ ଗୋପାଳ ମାନାଙ୍କ ସମେତ ସମସ୍ତ ସରପଂଚ, ସମିତି ସଭ୍ୟ ଓ ହିତାଧିକାରୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ନୂଆବର୍ଷରୁ ନୂଆ...

ସିଟିଂ ବ୍ୟବସ୍ଥା ମଧ୍ୟ ହୋଇଛି । ଟନେଲ ଭିତରେ ମୋଟ୍ ୬ଟି ରୋ ଅଛି । ଯେଉଁଥିରେ ସାଢ଼େ ୩ ହଜାରରୁ ୪ ହଜାର ଭକ୍ତ ରହି ପାରିବେ । ଗୋଟିଏ ପଟେ ସିଂହଦ୍ୱାର ସାମ୍ନାରେ ଭକ୍ତଙ୍କୁ ବ୍ୟାରିକେଡ୍ କଷ୍ଟରୁ ମୁକ୍ତି ଦେବାକୁ ପର୍ଯ୍ୟାପ୍ତ ବ୍ୟବସ୍ଥା ହେଉଛି । ହେଲେ ଶ୍ରୀମନ୍ଦିର ଭିତରେ କିନ୍ତୁ ଠେଲାପେଲା ଓ ଅଣନିଶ୍ୱାସୀ ସ୍ଥିତିର ସୁଧାର ପାଇଁ କାହାରି ନିଘା ନାହିଁ । ସାତ ପାହାଚରୁ ଭିତରକାଠ ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ କାଳିଆ ଦର୍ଶନ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହେଉଛି । ଛୋଟପିଲା, ବୟସ୍କ ଓ ମହିଳାଙ୍କୁ ଶ୍ରୀମୁଖ ଦର୍ଶନ ଲାଗି ଯେମିତି ଯୁଦ୍ଧ କରିବାକୁ ପଡୁଛି । ତେଣୁ ମନ୍ଦିର ଭିତରେ ମଧ୍ୟ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି ଉଭୟ ଭକ୍ତ ଓ ସେବାୟତ । ଶ୍ରୀମନ୍ଦିର ସାଙ୍ଗକୁ ଶ୍ରୀକ୍ଷେତ୍ର । ନୂଆବର୍ଷରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ସଜାଗ ହୋଇଛି ପୁରୀ ପୁଲିସ୍ । ଏସପିଙ୍କ ସୂଚନା ଅନୁସାରେ, ଶ୍ରୀମନ୍ଦିର ଭିତର ପାଇଁ ୭ ଓ ବାହାର ପାଇଁ ୯ଟି ସେକ୍ଟରରେ ସୁରକ୍ଷା ବ୍ୟବସ୍ଥା ବଣ୍ଟା ଯାଇଛି । ମରଚିକୋଟ ଛକରୁ ହେବ ନୋ' ଭେଇକିଲ୍ ଜୋନ୍ । ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିବ । ଆମ୍ବୁଲାନ୍ସ ଯିବ ଗ୍ରୀନ୍ କରିଡରରେ । ନୂଆ ଦର୍ଶନ ବ୍ୟବସ୍ଥା ସଂପର୍କରେ ଭକ୍ତଙ୍କଠାରୁ ଫିଡବ୍ୟାକ୍ ନିଆଯିବ । ସମୁଦ୍ର କୂଳରେ ଟ୍ରାଫିକ୍ ଜାମ୍ ଓ ଅପରାଧ ରୋକିବାକୁ ନନଷ୍ଟପ୍ ପାଟ୍ରୋଲିଂ ସହ ୩ଟି ଫାଣ୍ଡି କରାଯିବ ।

## ସରକାରଙ୍କ ସହିତ ଶାନ୍ତିଚୁକ୍ତି...

ଗୋଷ୍ଠୀର କାର୍ଯ୍ୟକଳାପରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅନ୍ୟପକ୍ଷରେ ପରେଶ ବରୁଆଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏହି ଶାନ୍ତିଚୁକ୍ତିକୁ ବିରୋଧ କରିଛନ୍ତି । ବେଆଇନ ପ୍ରବାସୀ ସମସ୍ୟାର ସମାଧାନ, ମୂଳ ଅଧିବାସୀଙ୍କୁ ଜମି ଅଧିକାର ପ୍ରଦାନ ସହିତ ଆସାମର ବିକାଶ ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା ଆଦି ପ୍ରତିଶ୍ରୁତି ଦିଆଯାଇ ଉଲ୍‌ଫା ସହିତ ଶାନ୍ତିଚୁକ୍ତି କରିଛନ୍ତି ସରକାର । ଏହି ତ୍ରିପାକ୍ଷିକ ଶାନ୍ତିଚୁକ୍ତି ବେଳେ ଉପସ୍ଥିତ ଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଉଲ୍‌ଫାର ସମସ୍ତ ଉଚିତ୍ ଦାବିଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ କରାଯିବ । ଏକ ସଂଗଠନ ଭାବେ ଉଲ୍ ?ଫାକୁ ଭାଙ୍ଗି ଦିଆଯିବ । ଶାନ୍ତି ପ୍ରତିଷ୍ଠା ପାଇଁ ଉଲ୍‌ଫା ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ଉପରେ ଯେଉଁ ଭରସା ଦେଖାଇଛନ୍ତି, ତାକୁ ପୂର୍ଣ୍ଣ ସମ୍ମାନ ଦିଆଯିବ । ଉତ୍ତରପୂର୍ବାଞ୍ଚଳରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବଦାନ ରହିଛି ବୋଲି ଶ୍ରୀ ଶାହ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଆସାମ ଓ ଅନ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଅନେକ ସ୍ଥାନରୁ ଆଫ୍‌ସ୍ପା ଆଇନ ପ୍ରତ୍ୟାହାର ହୋଇଥିବାରୁ ଏହା ପ୍ରମାଣିତ କରୁଛି ଯେ ସେହି ଅଞ୍ଚଳଗୁଡ଼ିକରେ ବିଦ୍ରୋହ ପ୍ରାୟ ଶେଷ ହୋଇ ଆସିଲାଣି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ଉଲ୍‌ଫା ସହିତ ଚୁକ୍ତି ହୋଇଥିବା ଯୋଗୁ ବିଦ୍ରୋହ ସମସ୍ୟାର ସମାଧାନ ବହୁମାତ୍ରାରେ ହୋଇଯାଇଛି । ୧୯୭୯ ମସିହା ଏପ୍ରିଲ ୭ ତାରିଖରେ ଆସାମର ଶିବସାଗରରେ ଉଲ୍‌ଫା ପ୍ରତିଷ୍ଠା ହୋଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ଆସାମର ମୂଳ ଅଧିବାସୀଙ୍କୁ ନେଇ ଏକ ସ୍ୱାଧୀନ ରାଷ୍ଟ୍ର ଗଠନ କରିବା । ପରବର୍ତ୍ତୀ ସମୟରେ ସଂଗଠନ ସଶସ୍ତ୍ର ଲଢ଼େଇ ଆରମ୍ଭ କରିଥିଲା । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଏହି ବିଦ୍ରୋହୀ ଗୋଷ୍ଠୀର ହିଂସାକାଣ୍ଡ ଯୋଗୁ ୧୯୭୯ରୁ ଏଯାବତ ୧୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି ।

## ବିହାର ରାଜନୀତିରେ...

ଜେଡିୟୁ ପାଇଁ କମ ଓ ଆରଜେଡି ପାଇଁ ଲଲନଙ୍କ ଅଧିକ ଦୁର୍ବଳତା ରହିଥିଲା । ଏପରିକି ଜେଡିୟୁ ବାରମ୍ବାର ବିରୋଧ ଓ ଅସନ୍ତୋଷ କରିବା ପରେ ଅନ୍ତକନ୍ଦଳ ଦେଖାଦେଲା ଓ ଶେଷରେ ଲଲନ ସିଂ ଅଧ୍ୟକ୍ଷ ପଦ ଛାଡିଛନ୍ତି । ସେପଟେ ବିଜେପି କହିଛି ଲାଲୁଙ୍କ ଚକ୍ରବ୍ୟୁହରେ ନୀତୀଶ ଫସିଛନ୍ତି । ଖୁବ ଶିଘ୍ର ତାଙ୍କ ହାତରୁ ମୁଖ୍ୟମନ୍ତ୍ରୀ ପଦ ଯିବ ଓ ଆଗାମୀ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ହେବେ । ଆଗକୁ ୨୦୨୪ ସାଧାରଣ ନିର୍ବାଚନ । ସମସ୍ତ ଦଳ ପ୍ରସ୍ତୁତିରେ ଲାଗିପଡିଛନ୍ତି । ଏହା ଭିତରେ ଜେଡିୟୁ ନେତୃତ୍ୱରେ ବଡ ପରିବର୍ତନ ହୋଇଛି । ନିର୍ବାଚନ ପୂର୍ବରୁ ଦଳ ମଙ୍ଗୁଳଆଳ ପରିବର୍ତନ ଗୋଟିଏ କଥା ସ୍ପଷ୍ଟ କରୁଛି ନୀତୀଶଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନରେ ମୈଇଦାକୁ ଓହ୍ଲାଇବ ଜେଡିୟୁ ।

## ଦେଶରେ ବଢୁଛି କରୋନା...

କେରଳରୁ ଚିହ୍ନଟ ହେଉଛନ୍ତି । ପରେ ଗୁଜରାଟ, କର୍ଣ୍ଣାଟକ, ଗୋଆ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା ଓ ଦିଲ୍ଲୀ ରହିଛି । ସେହିପରି ଦେଶରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାର ଟପିଛି । ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପରେ ଲୋକଙ୍କ ସଚେତନ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ହୁ କହିଛି–ଓମିକ୍ରନ ସବଭ୍ୟାରିଆଂଟ 'ଜେଏନ ଡଟ ୱ୍ୱାନ' ଭୂତାଣୁ ଦ୍ରୁତ ଗତିରେ ମାଡୁଛି । ବୟସ୍କ ଓ ବହୁବ୍ୟାଧି ରୋଗୀ ସତର୍କ ରହିବା ଆବଶ୍ୟକ । ଏମ୍ବର ପରାମର୍ଶ ଲକ୍ଷଣ ପ୍ରକାଶ ପାଇଲେ ଅବହେଳା କରନ୍ତୁନି । ଦରକାର ପଡିଲେ କରୋନା ପରିକ୍ଷା କରନ୍ତୁ ଓ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରନ୍ତୁ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମତରେ ଦୁନିଆରେ କୋଭିଡ-୧୯ ଅନେକ ପ୍ରଜାତି ଓ ଉପପ୍ରଜାତି ରହିଛି । ସଂକ୍ରମିତଙ୍କ ନିକଟରେ ପ୍ରାୟ ସମାନ ଲକ୍ଷଣ ପ୍ରକାଶ ପାଉଥିଲେ ମଧ୍ୟ କିଛି କ୍ଷେତ୍ରରେ ଭିନ୍ନ ରହୁଛି । ବ୍ୟକ୍ତିର ରୋଗପ୍ରତିରୋଧକ ଶକ୍ତି ଅନୁସାରେ ଲକ୍ଷଣରେ ଭିନ୍ନତା ରହୁଛି । ଏଥିସହ ଅଧିକାଂଶ ଲୋକ କରୋନା ଭ୍ୟାକସିନ ଓ ବୁଷ୍ଟର ଡୋଜ ନେଇସାରିଥିବାରୁ ସେମାନଙ୍କ ନିକଟରେ ଭିନ୍ନ ଭିନ୍ନ ଲକ୍ଷଣ ମଧ୍ୟ ଦେଖାଯାଇପାରେ । ତେବେ କରୋନା ଭ୍ୟାକ୍ସିନ 'ଜେଏନ ଡଟ ୱ୍ୱାନ' ଉପରେ ପ୍ରଭାବଶାଳୀ ରହିବ ଓ ଏହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ନକରିପାରେ । ଭୟଭୀତ ନହେବାକୁ ଗୋଟେ ପଟେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଦେଉଛନ୍ତି ସତ କିନ୍ତୁ ଲଗାତାର ମୃତ୍ୟୁ ଓ ସଂକ୍ରମଣ ବୃଦ୍ଧି ପୁଣି କରୋନା ମହାମାରୀର ସେହି ଡର ବଢ଼ିବାରେ ଲାଗିଛି ।

## ଶିମିଳିପାଳ ପାଇଁ ...

ଅବସରରେ ଜଙ୍ଗଲ ମନ୍ତ୍ରୀ ଏସବୁ ଗାଡ଼ିର ଶୁଭାରମ୍ଭ କରିଛନ୍ତି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି । ଆସନ୍ତାକାଲି ଠାରୁ ଶିମିଳିପାଳରେ ମୁତୟନ ହେବ ଏସବୁ ଗାଡ଼ି । ଏହାଦ୍ୱାରା ଆଗାମୀ ଦିନରେ ଶିମିଳିପାଳର ସବୁ ଅଞ୍ଚଳକୁ କାଠ ମାଫିଆ ଓ ଶିକାରୀଙ୍କ କବଳରୁ ଅଧିକ ସୁରକ୍ଷିତ କରାଯାଇପାରିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି । ସୂଚନାରୁ ପ୍ରକାଶ, ଗତ କିଛି ମାସ ହେଲା ଶିମିଳିପାଳ ଅଭୟାରଣ୍ୟରେ ମାତିଛନ୍ତି ଶିକାରୀ । ସେମାନେ ଅନାୟସରେ ଅଭୟାରଣ୍ୟରେ ଘୁରି ବୁଲୁଛନ୍ତି । ଆଉ ସମୟ ସୁବିଧା ଦେଖି ଶିକାର କରୁଛନ୍ତି । ଯେଉଁଥିପାଇଁ ବନ କର୍ମଚାରୀ ଓ ଶିକାରୀଙ୍କ ମଧ୍ୟରେ ସଂଘର୍ଷ ହେଉଛି । ଅନେକ ସମୟରେ ଶିକାରୀଙ୍କ ଆକ୍ରମଣରେ ବନ କର୍ମଚାରୀଙ୍କ ଜୀବନ ଯାଉଛି । ଏହାକୁ ରୋକିବା ପାଇଁ ପୁଲିସ୍ ଓ ବନ ବିଭାଗ ମିଳିତ ଭାବେ ଅପରେସନ୍ କରି ଅନେକ ଶିକାରୀଙ୍କୁ ଧରିବାରେ ସଫଳ ହୋଇଥିଲା । ତେବେ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ଗାଡ଼ି ଆସିଲେ ପାଟ୍ରୋଲିଂ ସହଜ ହେବ ବୋଲି ମତ ପ୍ରକାଶ ପାଉଛି ।

# ବାରାପୁର ଡିଗ୍ରୀ କଲେଜରେ ନୂଆ ଓ ନବୀନ ଓଡିଶା କାର୍ଯ୍ୟକ୍ରମ




ବାସୁଦେବପୁର, ୨୯/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ଡିଗ୍ରୀ ମହାବିଦ୍ୟାଳରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ଉତ୍ସବ ରେ କଲେଜ ପରିଚାଳନା କମିଟି ସଭାପତି ସ୍ନେହଲତା ସେନାପତି ସଭାପତିତ୍ୱ କରିଥିଲେ । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ପ୍ରତିନିଧି ଅସିତ କୁମାର ଦାଶ । ଶ୍ରୀ ଦାଶ ଉତ୍ସବ କୁ ଉଦଘାଟନ କରି ପିଲାମାନଙ୍କୁ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । କଲେଜ ଅଧ୍ୟକ୍ଷ ରଘୁପତି ଖୁଲାର, ଅଧ୍ୟାପକ ରମାକାନ୍ତ କର, ଗୋବର୍ଦ୍ଧନ ପତି, ଅନିରୁଦ୍ଧ ସାହୁ, ବରଦା ପ୍ରସାଦ କର, ବି ଏନ ଏମ ଏ କଲେଜ ପାଳିଆ ବିନ୍ଧାର ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷା ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ପାଣିଗ୍ରାହୀ ଏହି ଉତ୍ସବ ରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସାମାଜିକ, ସାଂସ୍କୃତିକ, ଓ କ୍ରୀଡା ବିଭାଗ କାର୍ଯ୍ୟକ୍ରମ କୁ ନୋଡାଲ ଅଫିସର ସୀତାରାମ ବେହେରା ଓ ପ୍ରଦୀପ ଦାସ ପରିଚାଳନା କରିଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପିଲାମାନେ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଖୁବ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା ।

# କାଠମାଣ୍ଡୁରେ ପହଂଚିଲା ନିମନ୍ତ୍ରଣ

ପୁରୀ, ୨୯/୧୨ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣରେ ଯୋଗ ଦାନ ପାଇଁ ବିଭିନ୍ନ ମନ୍ଦିରକୁ ଆମନ୍ତ୍ରଣ କରାଯିବା ପ୍ରକ୍ରିୟାରେ ନିମନ୍ତ୍ରଣକାରୀ ଦଳ ଆଜି ନେପାଳର କାଠମାଣ୍ଡୁରେ ପହଂଚିଛନ୍ତି । ସେହିପରି ଜାମ୍ମୁ ର ବୈଷ୍ଣୋଦେବୀ ମନ୍ଦିର, ନଭି ମୁମ୍ବାଇ ଜଗନ୍ନାଥ ମନ୍ଦିର, ମଦୁରାଇ ର ମିନାକ୍ଷୀ ମନ୍ଦିର ଓ ଅଲଗରନାଥ ମହାବିଷ୍ଣୁ ମନ୍ଦିର, ଶ୍ରୀ ସାଇଲମର ମଲ୍ଲିକାର୍ଜୁନ ମନ୍ଦିର, ବିଶାଖାପାଟଣା ର ଷ୍ଟିଲ ପ୍ଲାଣ୍ଟ ଜଗନ୍ନାଥ ମନ୍ଦିର, ଔରଙ୍ଗାବାଦ ଏଲୋରାର ଶ୍ରୀ ଘୃଷ୍ଣେଶ୍ୱର ମନ୍ଦିର ଦେବସ୍ଥାନ, ଗୁଜୁରାଟ ସୋମନାଥ ମନ୍ଦିର ରେ ସେବାୟତ ଓ ନୋଡାଲ ଅଧିକାରୀ ପହଂଚି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ ।

ସେହିପରି ଓଡିଶା ର ବରଗଡ଼ ପାଇକମାଳର ନୃସିଂହ ନାଥ ମନ୍ଦିର, ନୂଆପଡା ର ପାତାଳ ଗଙ୍ଗା ମନ୍ଦିର ରେ ମଧ୍ୟ ନିମନ୍ତ୍ରଣ ପତ୍ର ପ୍ରଦାନ କରା ଯାଇଥିଲା । ମଦୁରାଇ ର ଅଲଗରନାଥ ମନ୍ଦିର ରେ ପ୍ରଶିକ୍ଷିତ ହାତୀ ନିମନ୍ତ୍ରଣ କାରୀ ଦଳ ଙ୍କୁ ସ୍ୱାଗତ କରିବା ସହ ନିଜ ଶୁଣ୍ଢରେ ଆଶୀର୍ବାଦ କରିଥିଲା । ସବୁଠାରେ ଜୟ ଜଗନ୍ନାଥ ଧ୍ୱନି ରେ ନିମନ୍ତ୍ରଣକାରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବେତନଟୀ ପ୍ରିମିୟର ଲିଗ୍: ୧୧ ଷ୍ଟାର ମୋରଡା ଚମ୍ପିୟାନ




ବେତନଟୀ, ୨୯/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୦ ର ଆଜି ଉଦଯାପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଫାଇନାଲ ମ୍ୟାଚ କୁ ବେତନଟୀ ଥାନା ଅଧିକାରୀଣ ସସ୍ମିତା ମହାନ୍ତ ଉଦଘାଟନ କରିଥିଲେ । ଏହି ଫାଇନାଲ ଖେଳ ମାଣତ୍ରୀ ଟାଇଟନ ଓ ୧୧ ଷ୍ଟାର ମୋରଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୧ ଷ୍ଟାର ମୋରଡା ପ୍ରଥମେ ଟସ ଜିତି ବ୍ୟାଟିଂ କରି ୨୪ ଓଭର ସମସ୍ତ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୧୮୩ ରନର ବିଜୟଲକ୍ଷ ନେଇ ପଡିଆକୁ ଓହ୍ଲାଇ ଥିବା ମାଣତ୍ରୀ ଟାଇଟନ ୧୮.୧ ଓଭର ରେ ସପ୍ତମ ଉଇକେଟ ହରାଇ ୧୧୪ ରନ କରି ପରାଜୟ ବରଣ କରିଥିଲା । ଖେଳ ଶେଷରେ ପୁରସ୍କାର ବିବରଣୀ ଉତ୍ସବ ସଭାରେ ବେତନଟୀ କ୍ରିକେଟ କ୍ଲବ ର ସଭାପତି ଶଶିକାନ୍ତ ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସ୍ୱତନ୍ତ୍ର ଅତିଥି ଭାବରେ ଯୁ ସଂଗଠକ ଲଲାଟେନ୍ଦୁ ବେହେରା , ବେତନଟୀ ସମିତି ସଭ୍ୟ ରଣଜିତ ସିଂ, କ୍ଲବ ର ଉପସଭାପତି ଦିଲ୍ଲୀପ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ମଞ୍ଚ କୁ ସଠିଲୋ ର ସମିତି ସଭ୍ୟ କିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ । ଏହି ଫାଇନାଲ ଖେଳ ର ୧୧ ଷ୍ଟାର ମୋରଡା ର ଖେଳାଳି ୩୫ ଟି ବଲ ରେ ୩୬ ରନ ଓ ୨ ଟି ୱିକେଟ ନେଇଥିବା ସୁଭଦ୍ୱତ ଦତ୍ୱିଦୀ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଏହି ପ୍ରିମିୟର ଲିଗ ର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ହିଂତାଶୁ ହିଲର ଦାସ ଙ୍କୁ ବିବେଚିତ କରାଯାଇଥିଲା । ବେଷ୍ଟ ବ୍ୟାଟ୍ସମେନ ଅନୁପ କୁମାର ପରିଡ଼ା , ବେଷ୍ଟ ବଲର ସଂଜୟ ପରିଛା, ବେଷ୍ଟ କିପର ଚନ୍ଦନ କୁମାର ଗିରି, ବେଷ୍ଟ ଫିଲଡର ହରିହର ମାହାନା , ବେଷ୍ଟ ଉଦ୍ୟମାନ ଖେଳାଳି ହରିହର ରାଜ କୁ ପୁରସ୍କାର କରାଯାଇଥିଲା । ଚମ୍ପିୟାନ ୧୧ ଷ୍ଟାର ମୋରଡା କୁ ୭୦ ହଜାର ସହ ଟ୍ରଫି ଓ ରନରସପ ମାଣତ୍ରୀ ଟାଇଟନ ଦଳକୁ ୫୦ ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ଅନୁପ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ । ସ୍କୋର ଦାଇତ୍ୱ ରେ ସଞ୍ଜିପ କୁମାର ରାଉତ ଓ ରବିନ୍ଦ୍ର ସାହୁ ଓ ଅନଲାଇନ ସ୍କୋର ଭାବରେ ଗୌବ୍ସ ନାଥ , ଭାଗ୍ୟ ରଞ୍ଜନ ବେହେରା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ କ୍ଲବ ର ପ୍ରକାଶ ଜ୍ୟୋତି ଆଦିତ୍ୟ, ସୁଧାକର ପଣ୍ଡା, ମନୋଜ କୁମାର ପଣ୍ଡା, ପ୍ରଶାନ୍ତ ନାଥ, ସାଗର ସାହୁ, ଅଭିନାଶ ନାୟକ, ସର୍ବେଶ୍ୱର ଦାସ, ମାନସ ନାଥ , କରଣ କୁମାର ନାଥ, ପ୍ରଦୀପ କୁମାର ମହାପାତ୍ର, ରିଙ୍କୁ ସାହୁ, ମାନସ ଜେନା, ଅମର ପରିଡା, ରୋହିତ ସାହୁ , ଚିନ୍ମୟ ପଣ୍ଡିତ ଓ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଦୁଇ ଟ୍ରକ ମୁହାଁ ମୁହିଁ ଧକ୍କା: ଜଣେ ଗୁରୁତର ଆହତ

ମାଲକାନଗିରି, ୨୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୯୬ ଗ୍ରାମ ନିକଟରେ ଥିବା ୩୨୬ ଜାତୀୟ ରାଜପଥରେ ଆଜି ସକାଳୁ ଦୁଇଟି ଟ୍ରକ ମୁହା ମୁହିଁ ଧକ୍କା ହୋଇଛି । ଏଥିରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ପ୍ରଥମେ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଏମଭି ୭୯ ରୁ ମାଲକାନଗିରି ଅଭିମୁଖେ ଏକ ଟ୍ରକ ଆସୁଥିବା ବେଳେ ଅପର ପାର୍ଶ୍ୱରୁ ଅନ୍ୟ ଏକ ଟ୍ରକ ଯାଉଥିବା ବେଳେ ଏମଭି ୯୬ ଗ୍ରାମ ନିକଟରେ ଉଭୟ ଟ୍ରକ ମୁହା ମୁହିଁ ଧକ୍କା ହୋଇଥିଲେ । ଏଥିରେ ଗୋଟିଏ ଟ୍ରକ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ସେ ଟ୍ରକ ମଧ୍ୟରେ ହିଁ ଫସି ରହିଥିଲେ । ଆହତ ବ୍ୟକ୍ତିଙ୍କ ନାମ ଗୁରୁ ପାଙ୍ଗି ହୋଇଥିବା ବେଳେ ତାଙ୍କୁ କାଲିମେଳା ଦମକଳ ବାହିନୀ ଉଦ୍ଧାର କରି ପ୍ରଥମେ କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଇଥିଲେ । ତେବେ ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ପ୍ରକାଶ ଥାଉକି ସକାଳୁ ଘନ କୁହୁଡି ଯୋଗୁଁ ଏହି ଦୃଘଟଣା ଘଟିଛି ।

# ୫୩ ଗ୍ରାମ ବ୍ରାଉନ ସୁଗାର ସହ ୩ଜଣ ଗିରଫ



ବାରିପଦା , ୨୯/୧୨ (ନି.ପ୍ର): ବାରିପଦା ଅଞ୍ଚଳରେ ନିଶା ବେପାର ବୃଦ୍ଧି ପାଉଥିବା ବେଳେ, ନିଶା କବଳରେ ବହୁ ଯୁବକ କବଳିତ ହୋଇ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି । ବିଶେଷକରି ବାରିପଦାରେ ବ୍ରାଉନ ସୁଗାର ବେପାର ଦିନକୁ ଦିନ ବଢୁଥିବାର ଦେଖାଯାଉଛି । ତେବେ ବୁଧବାର ରାତିରେ ବାରିପଦା ଟାଉନ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଶୂନ ଗଡିଆ ଠାରେ ଏକ କେବିନରେ ବ୍ରାଉନସୁଗାର ପୁଡିଆ ପ୍ରସ୍ତୁତି ବିଷୟରେ ସୂଚନା ମିଳିବା ପରେ ଏସଆଇ ରାକେଶ କୁମାର ସୁତାରଙ୍କ ନେତୃତ୍ୱରେ ପୋଲିସ ଟିମ ଶୂନ ଗଡିଆ ଗଳାପୋଲ ଅଞ୍ଚଳରେ ଚଢ଼ାଉ କରି ବ୍ରାଉନ ସୁଗାର ପୁଡିଆ ପ୍ରସ୍ତୁତି ରେ ନିୟୋଜିତ ଥିବା ଅଜୟ ଅ ଅଜିତ ବେହେରା (୪୪), ଅଜିତର ସ୍ତ୍ରୀ କବିତା ବେହେରା (୩୯) ଏବଂ ଫୁକୁଲୁ ମୁଖି (୩୭)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ସମୁଦାୟ ୫୩ ଗ୍ରାମ ବ୍ରାଉନ ସୁଗାର, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା, ପାଞ୍ଚଟି ମୋବାଇଲ ଫୋନ, ନଗଦ ୨ହଜାର ୫ଶହ ଟଙ୍କା, ପ୍ୟାକିଂ କାଗଜ ଏବଂ ପଲିଥିନ ଆଦି ଜବଦ କରା ଯାଇଛି । ସମସ୍ତ ଅଭିଯୁକ୍ତ ବାରିପଦା ଶୂନ ଗଡିଆ ଅଞ୍ଚଳର ବୋଲି ଜଣା ଯାଇଛି । ଏହି ଅଭିଯୁକ୍ତ ମାନେ ବାରିପଦା ସହରର ଅଭ୍ୟାସ ଗତ ବ୍ରାଉନ ସୁଗାର ବେପାରୀ ହୋଇଥିବା ବେଳେ, ଏମାନେ ଜଳେଶ୍ୱରରୁ ବ୍ରାଉନ ସୁଗାର କିଣୁ ଥିବାର ଜଣାଯାଇଛି । ପୋଲିସ ଏବାବଦରେ କେସ ନଂ ୭୯୬ ମୂଳେ ମାମଲା ରୁଜୁ କରି ଗିରଫ ୩ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାର ଜଣାଯାଇଛ । ଏବାବଦରେ ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଏସପି ଏସ ସୁଶ୍ରୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି ।

**AFFIDAVIT**

An affidavit before the Executive Magistrate, Balasore. I Gouranga Samanta, aged 54 years, S/o- Late Jagadish Samanta, residing At- Haldigudi (Kharpatia), P.O- Chaksarth, P.S- Haldipada, Dist- Balasore do hereby solemnly affirm and declare that my Gouranga Samanta which is mentioned in all my identity and residental proof cards like, Aadhar card, Bank Pass Book, Pan Card and other relevebt documents. But my nick name Gourhari Samanta which is mentioned in LIC policy Bond, Bearing Bo-585977107. So Gouranga Samanta and Gourhari Samanta is one and same person. Henceforth I will be known as Gouranga Samanta in all purpose.

Gouranga Samanta

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୨୯/୧୨ (ନି.ପ୍ର): ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ସଭାପତିତ୍ୱରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ କନିଷ୍ଠ କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକ-ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବେହେରାଙ୍କ ଜେଷ୍ଠା କନ୍ୟା ଆୟୁଷ୍ମତୀ ମୁନି କୁମାରୀ ରାଜଶ୍ରୀ ରାଜନନ୍ଦିନୀର ୧୩ ଶ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ମଞ୍ଚାସୀନ ଥିଲେ ଆଶ୍ରମର ଯୋଗ ଶିକ୍ଷୟିତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା, ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ଆଦର୍ଶ ଯୋଗ ସାଧିକା ମୁନିରାଜ୍ଞୀ ବିମଳା ଲେଙ୍କା ଇତ୍ୟାଦି ।ଉପସ୍ଥିତ ଥିଲେ ମୁନିମତୀ ଯମୁନା ପାତ୍ର,ମୁନିମତୀ ଜାହ୍ନବୀ ଗିରି, ମୁନି କୁମାର ତ୍ରୀଶାନ୍ ଇତ୍ୟାଦି ବହୁ ମୁନି ମୁନିମତୀ ମୁନି କୁମାର ମୁନି କୁମାରୀ ମାନେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ମୁନିକୁମାରୀ ରାଜଶ୍ରୀ ରାଜନନ୍ଦିନୀର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ମୁନି ସମାଜର ସଦସ୍ୟତା ଗ୍ରହଣ କରି ଜଣେ ଯମ ନିୟମ ପାଳନ ପୂର୍ବକ ଯୋଗ ସାଧନ ପ୍ରତିଦିନ କରି ଚାଲିଲେ, ତାର ମେଧା ଶକ୍ତି ବୃଦ୍ଧି ପାଇବା ସହିତ, ଶାରିରୀକ, ମାନସିକ, ପାରିବାରିକ, ଆର୍ଥିକ ତଥା ସାମାଜିକ କ୍ଷେତ୍ରରେ ନିଜ ଲକ୍ଷ ସ୍ଥଳରେ ସେ ନିଶ୍ଚୟ ପହଞ୍ଚି ପାରିବ ବୋଲି, ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଅଜା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ଶନିବାର, ଡିସେମ୍ବର ୩୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଅପରିହାର୍ଯ୍ୟ : ଅନ୍ୱେଷଣ

ଉଦଳା , ୨୯/୧୨ (ନି.ପ୍ର): ପିଲାଙ୍କୁ ବିଦ୍ୟାଳୟକୁ ନେବା ଓ ପାଠ ସହିତ ବାନ୍ଧି ରଖିବା ପାଇଁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଅପରିହାର୍ଯ୍ୟ। ଯେଉଁ ପିଲା ମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇପାରି ନଥାନ୍ତି, ସେହି ପିଲାଙ୍କୁ ବିଦ୍ୟାଳୟକୁ ନେବା ଓ ପାଠ ସହିତ ବାନ୍ଧି ରଖିବା ଖୁବ୍ କଷ୍ଟକର ହୋଇପଡ଼ିଥାଏ ବୋଲି ସ୍ୱେଚ୍ଛାସେବୀ ସୁଦର୍ଶନ ପ୍ରଧାନ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଏହା ଭୟଙ୍କର ରୂପ ନେଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ଆରମ୍ଭ କରିଛି ଅଭିନବ ପ୍ରୟାସ । କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ବିଭିନ୍ନ ସ୍ଥାନରେ ଯଥା - ଉଠାଣିସାହି, ବାଲିପେଷି, ନଛିପୁର, ମନଭଙ୍ଗା, ଡ଼େଙ୍ଗାମ, ମାଙ୍କଡ଼ପଡ଼ା, ହୁଡ଼ିସାହି ଓ ତଳିଆ ଠାରେ ମୋଟ ୮ ଗୋଟି ବିଦ୍ୟାଳୟ ଖୋଲି ପିଲାଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ କରାଯାଉଛି । ଏହିସବୁ ବିଦ୍ୟାଳୟ ମାନଙ୍କରେ ୩ ବର୍ଷ ବୟସରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି । ଏଥିରେ ମୋଟ ୨୦୦ରୁ ଉର୍ଦ୍ଧ ପିଲା ପାଠ ପଢୁଥିବାର ଜଣାଯାଇଛି । ଗ୍ରାମାଂଚଳରେ ଥିବା ଶିକ୍ଷିତ ବେକାର ଯୁବକ ଯୁବତୀ ମାନେ ଏହି ସବୁ ବିଦ୍ୟାଳୟ ମାନଙ୍କରେ ପିଲାଙ୍କୁ ପାଠ ପଢ଼ାଇବାର କାମରେ ନିୟୋଜିତ ଅଛନ୍ତି । ଏହି ସବୁ ପ୍ରାକ୍ ବିଦ୍ୟାଳୟ ପିଲାଙ୍କୁ ନେଇ ଆଜି ଡ଼ିସେମ୍ବର ୨୯ ତାରିଖ ଶୁକ୍ରବାର ଦିନ ତଳିଆ ଠାରେ 'ବନଫୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ଓ ମାନସିକ ଦକ୍ଷତା ପ୍ରଭୃତି ପ୍ରତିଯୋଗିତା ମାନ କରାଯାଇ ପୁରସ୍କୃତ କରାଯାଉଛି । ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣର କର୍ମୀ ମନୋଜ କୁମାର ପଣ୍ଡା, ଶ୍ରୀନାଥ ପ୍ରଧାନ, ଗିତାଳି ବେହେରା, ଗଜେନ୍ଦ୍ର ବେହେରା, ପ୍ରଫୁଲ କୁମାର ପରିଡ଼ା ଏହି ବିଦ୍ୟାଳୟ ଗୁଡ଼ିକର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି । ଶେଷର ଡ୍ରପ ଆଉଟ ପିଲାଙ୍କ ସଂଖ୍ୟା ରୋକିବା ପାଇଁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଆବଶ୍ୟକତା ବର୍ତମାନ ଜରୁରୀ ହୋଇ ପଡ଼ିଛି ବୋଲି ସ୍ୱେଚ୍ଛାସେବୀ ମନୋରଂଜନ ମଲ୍ଲିକ କହିଛନ୍ତି ।

# ସିଦ୍ଧେଶ୍ୱର ମହାବିଦ୍ୟାଳୟର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




ବସ୍ତା, ୨୯/୧୨ (ନି.ପ୍ର): ବସ୍ତା ବ୍ଲକ୍ ଅନ୍ତର୍ଗତ ଅମର୍ଦ୍ଦାରୋଡ଼ ସ୍ଥିତ ସିଦ୍ଧେଶ୍ୱର ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଗୁରୁବାର ଉଦଯାପିତ ହୋଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ନାୟକଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବାବଦରେ ଛାତ୍ରଛାତ୍ରୀଙ୍କୁ ବିଶଦ ଆଲୋଚନା କରିଥିଲେ।ସମ୍ମାନିତ ଅତିଥି ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଉର୍ମିଳା ପରିଡ଼ା,ନିମନ୍ତ୍ରିତ ଅତିଥି ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋହିନୀ କୁମାର ନାଏକ,ପଦାର୍ଥ ବିଜ୍ଞାନ ମୁଖ୍ୟ ବଙ୍କକୃଷ୍ଣ ସାନ୍ତରା ମଞ୍ଚାସିନ ରହି ଶିକ୍ଷା ସହିତ କ୍ରୀଡ଼ା,ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ଆବଶ୍ୟକତା ବାବଦରେ ପିଲାମାନଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ।ଗଣିତ ବିଭାଗ ପ୍ରାଧ୍ୟାପକ ଡ.ବେଣୁଧର ବେହେରା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥବା ବେଳେ ଶିକ୍ଷା ବିଭାଗ ଅଧାପିକା ସନ୍ତୋଷିନୀ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା।+୩ ନୋଡ଼ାଲ ଅଫିସର ହୃଦୟ ରଞ୍ଜନ ବେହେରା ଓ +୨ ନୋଡ଼ାଲ ଅଫିସର ଆନନ୍ଦ କୁମାର ପାତ୍ରଙ୍କ ମଞ୍ଚ ସଂଯୋଜନାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ମାନପତ୍ର ସହ ପୁରସ୍କାର ବିତରଣ କରିଥିଲେ।ଏହି ଅବସରରେ ଇନ୍ଦୁଭୂଷଣ କାନୁନଗୋଙ୍କ ନାଟ୍ୟ ରଚନା ଓ ସାମାଜିକ କାର୍ଯ୍ୟକ୍ରମ ମୁଖ୍ୟ ଅଧାପକ ରାମଚନ୍ଦ୍ର ହେମ୍ବ୍ରମଙ୍କ ପରିଚାଳନାରେ ଯୌତୁକ ବିରୋଧୀ ନାଟକ 'ବର ଦକ୍ଷିଣା' ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।ପରିଶେଷରେ ପଦାର୍ଥ ବିଜ୍ଞାନ ମୁଖ୍ୟ ବଙ୍କକୃଷ୍ଣ ସାନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆବର୍ଷ ଭିଡରୁ ସତର୍କ ରୁହନ୍ତୁ: ନିରଞ୍ଜନ ମିଶ୍ର

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ନୂଆ ବର୍ଷ ଭିଡ଼ ପାଇଁ ସତର୍କ ରହିବାକୁ ପରାମର୍ଶ ଦେଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ଗତକାଲି ୫୦୦ ଟେଷ୍ଟ ହୋଇଥିଲା । ସେଥିରୁ ୫ ଜଣ ପଜେଟିଭ ବାହାରିଛନ୍ତି । ମୋଟ ଆକ୍ରାନ୍ତ ସଂଖ୍ୟା ୧୩ ରେ ପହଂଚିଛି । ଲକ୍ଷଣ ଥିବା ଲୋକେ ଘରେ ଅଛନ୍ତି । ନୂଆ ବର୍ଷ ଭିଡ଼ ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ଥଣ୍ଡା, କାଶ ଓ ଲକ୍ଷଣ ଥିବା ବ୍ୟକ୍ତି ଏବଂ ବୟସ୍କ ବ୍ୟକ୍ତି ଭିଡ଼ରୁ ଦୁରେଇ ରହିବା ପାଇଁ ଅପିଲ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ଘରେ ରହିବା ସହ ନିହାତି ଆବଶ୍ୟକ ହେଲେ ମାସ୍କ ବ୍ୟବହାର ପାଇଁ ଅପିଲ କରିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

# ଉନ୍ମୋଚିତ ହେଲା ମନୋରଞ୍ଜନ ପଣ୍ଡାଙ୍କ ଅନୁବାଦ ପୁସ୍ତକ 'ଇଂରାଜୀରୁ ଅନୂଦିତ ନିର୍ବାଚିତ ଗଳ୍ପ'




ବାଲେଶ୍ୱର, ୨୯/୧୨ (ନି.ପ୍ର): ବାଲେଶ୍ୱର ନୃତ୍ୟ-ସଂଗୀତ କଳାମନ୍ଦିର ସଭାଗୃହରେ ଓଡ଼ିଶାର ଅନ୍ୟତମ ଯଶସ୍ୱୀ ପୁସ୍ତକ ପ୍ରକାଶନ ସଂସ୍ଥା 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ପକ୍ଷରୁ ପ୍ରକାଶିତ ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅନୁବାଦ ପୁସ୍ତକ 'ଇଂରାଜୀରୁ ଅନୂଦିତ ନିର୍ବାଚିତ ଗଳ୍ପ'ରର ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ଡ.ମଥୁରାନାଥ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାହିତ୍ୟିକ ଡ. ରମାକାନ୍ତ ବେହେରା ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ କବି ବିଜୟ ଉପାଧ୍ୟାୟ ଯୋଗଦେଇ ବିଶ୍ୱର ଓ ଭାରତ ଚର୍ଚ୍ଚିତ ଇଂରାଜୀ ଭାଷାର ବିଖ୍ୟାତ ଲେଖକଙ୍କର ନିର୍ବାଚିତ ଗଳ୍ପର ଏହି ଓଡ଼ିଆ ଅନୁବାଦ ଇଂରାଜୀ ସାହିତ୍ୟର ପ୍ରସାରିତ ବଳୟ ସହ ଓଡ଼ିଆ ପାଠକଙ୍କ ପରିଚୟ ହେବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନୁବାଦଙ୍କ ମନୋରଞ୍ଜନ ପଣ୍ଡା ନିଜର ଅନୁବାଦକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ । ପୁସ୍ତକର ପ୍ରକାଶକ କବି କାଳୀପଦ ପଣ୍ଡା ଏହା ଏକ ସଂଗ୍ରହଣୀୟ ମୁଖପାଠ୍ୟ ପୁସ୍ତକ ବୋଲି କହିଥିଲେ । ସମ୍ପିତ ସୌରଭ ପଣ୍ଡା, ଭାଗ୍ୟଶ୍ରୀ ପଣ୍ଡା, କବିତା ପଣ୍ଡା ପ୍ରମୁଖଙ୍କ ସହ ସହରର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଏଥିରେ ଯୋଗ ଦେଇଥିଲେ ।

## କୋରାପୁଟ ନୌକା ଦୁର୍ଘଟଣାରେ ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ଗତକାଲି କୋରାପୁଟ ଜିଲ୍ଲାର ନନ୍ଦପୁର ବ୍ଲକ୍ ର ପାତାଳୀ ନଦୀରେ ଏକ ନୌକା ଦୁର୍ଘଟଣାରେ ୫ ଜଣ ବ୍ୟକ୍ତି ଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟ ତମ ଆତ୍ମୀୟଙ୍କ ପାଇଁ ଚାରି ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

# ଇଣ୍ଡିଆ ମେଣ୍ଟ ତରଫରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା, ୨୯/୧୨ (ନି.ପ୍ର): ଆଜି ଇଣ୍ଡିଆ ମେଣ୍ଟ ତରଫରୁ କଂଗ୍ରେସ, ସିପିଆଇ, ସିପିଏମର ଏକ ପ୍ରତିନିଧି ଦଳ ମୟୁରଭଞ୍ଜ ଜିଲ୍ଲାରେ ରେଳ ଚଳାଚଳ ସମ୍ବନ୍ଧରେ ରହିଥିବା ବହୁ ଦାବୀ ସମ୍ବଳିତ ଏକ ଦାବିପତ୍ର ଭାରତ ସରକାରଙ୍କ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ବାରିପଦା ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଭଞ୍ଜପୁର - ବାଙ୍ଗିରିପୋଷି - ରୁପ୍ସା ଚାଲୁଥିବା ଡିଏମୟୁ ଟ୍ରେନକୁ ପୂର୍ବଭଳି ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା, ମାତ୍ରାଧିକ ବସ ଭଡାରୁ ତ୍ରାହି ପାଇବା ପାଇଁ ରାତ୍ରି କାଳିନ ଏକ ଟ୍ରେନ ବାଙ୍ଗିରିପୋଷିରୁ ପୁରୀ ପର୍ଯ୍ୟନ୍ତ ଦୈନିକ ଭାବରେ ଚଳାଯିବା, ବାଙ୍ଗିରିପୋଷି ରୁ ପୁରୀ ଚାଲୁଥିବା ଦୈନିକ ଟ୍ରେନରେ ସାଧାରଣ ବଗି ସଂଖ୍ୟାବୃଦ୍ଧି କରାଯିବା, ବ୍ୟବସାୟିକ ଦୃଷ୍ଟି କୋଣରୁ ଦୈନିକ ବାଙ୍ଗିରିପୋଷି ରୁ କଲିକତା ଟ୍ରେନ ଚଳାଚଳ କରାଯିବା ଇତ୍ୟାଦି ଦାବୀ ଉପସ୍ଥାପନ କରାଯାଇଛି। ଦାବୀ ପତ୍ରର ନକଲଦକ୍ଷିଣ ପୂର୍ବ ରେଳ ବିଭାଗ ଖଡଗପୁର କୁ ମଧ୍ୟ ପ୍ରେରଣ କରାଯାଇଛି । ଏହି ପ୍ରତିନିଧି ଦଳରେ କଂଗ୍ରେସ ଦଳରୁ ଶାନ୍ତନୁ ପାଲ, ନିର୍ମଳ ପ୍ରଧାନ, ବୁଧୁରାମ ସିଂ, ସିପିଆଇ ତରଫରୁ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସଂଜିବ ବଳ, କ୍ଷିତିଶ ସାସମଲ, ଶ୍ରୀକାନ୍ତ ସାମଲ, ସୁଦର୍ଶନ ରାଉଳ, ସିପିଏମ ତରଫରୁ ରବି ଗୋସ୍ୱାମୀ, ଅମଲ ଦେ, ରଘୁନାଥ ପଣ୍ଡା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁବାସ ତ୍ରିପାଠୀ, କାର୍ତ୍ତିକ ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, କାହ୍ନୁଚରଣ ବେହେରା, ମହେଶ୍ୱର ବେହେରା, ପ୍ରଶନ୍ନ ପାତ୍ର, କାମେଶ୍ୱର ରାଓ ପ୍ରମୁଖ ସାମିଲ ଥିଲେ।

# ଜାନୁଆରୀ ୫ତାରିଖରେ ରେଳଷ୍ଟେସନ ଲୋକାର୍ପଣ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି , ୨୯/୧୨ (ନି.ପ୍ର): ବହୁ ପ୍ରତିକ୍ଷୀତ ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନରୁ ଆସନ୍ତା ଜାନୁଆରୀ ୫ତାରିଖରୁ ଗଡିବ ଯାତ୍ରୀବାହୀ ରେଳ ଏବଂ ଷ୍ଟେସନର ହେବ ଲୋକାର୍ପଣ। ଲୋକାର୍ପଣ ଉତ୍ସବରେ ଉପସ୍ଥିତ ରହିବେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନୀଳଗିରି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଚନ୍ଦ୍ର ଶେଖର ନନ୍ଦ, ଉପେନ୍ଦ୍ର ଦାସ ଏବଂ ବହୁ ବିଜେପି କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ। ଲୋକାର୍ପଣ ଉତ୍ସବରେ ୧୦ ହଜାରରୁ ୧୫ ହଜାର ଜନସାଧାରଣ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ନୂତନକରି ନିର୍ମିତ ନୀଳଗିରି ଗୋପୀନାଥପୁର ସ୍ଥିତ ରେଳଷ୍ଟେସନକୁ ତିନୋଟି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ପାଇଁ ସୂଚନା ଦିଆଯାଇଛି। ଏହି ଟ୍ରେନ ଗୁଡିକ ଦିନରେ ତିନିଥର ଚଳାଚଳ କରିବା ସହିତ ଏହାର ସମୟ ସାରଣୀ ମଧ୍ୟ ସ୍ଥିର ହୋଇଛି। ଗୋପୀନାଥପୁର ବାଲେଶ୍ୱର ଦେଇ ଏହି ଟ୍ରେନ ଚଳାଚଳ କରିବ।

# ସଡ଼କ ସୁରକ୍ଷା ସପ୍ତାହ-୨୦୨୪ ପାଳନ ଅବସରରେ ସ୍ଲୋଗାନ୍ ପ୍ରତିଯୋଗିତା

ବାଲେଶ୍ୱର, ୨୯/୧୨ (ନି.ପ୍ର): ସଡ଼କ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ଉତ୍ସାହିତ କରିବା ନିମନ୍ତେ ସମଗ୍ର ରାଜ୍ୟରେ ଆସନ୍ତା ୨୦୨୪ ମସିହା ଜାନୁଆରୀ ୦୧ ତାରିଖରୁ ୦୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ-୨୦୨୪ ପାଳନ କରାଯିବ ଓ ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କର ତରଫରୁ 'ସଡ଼କ ସୁରକ୍ଷା, ପରିବାର ରକ୍ଷା' ବିଷୟ ଉପରେ ଏକ ସ୍ଲୋଗାନ୍ ପ୍ରତିଯୋଗିତା ଅନୁଷ୍ଠିତ ହେବକୁ ଯାଉଅଛି ।ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହି ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ପରିପ୍ରେକ୍ଷୀରେ ଉପରୋକ୍ତ ବିଷୟରେ ସର୍ବାଧିକ ୧୦ଟି ଶବ୍ଦ ବିଶିଷ୍ଟ ଏକ ଉପଯୁକ୍ତ ସ୍ଲୋଗାନ୍ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଲେଖି ଜାନୁଆରୀ ୧ ତାରିଖ ସକାଳ ୧୦ ଘଟିକାରୁ ୩ ତାରିଖ ସନ୍ଧ୍ୟା ଘ.୫.୩୦ ପର୍ଯ୍ୟନ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ସ୍ଥାପିତ ବାକ୍ସରେ ପକାଇ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି । ସୂଚନା ଯୋଗ୍ୟ ଯେ, ଶ୍ରେଷ୍ଠ ବିବେଚିତ ୩ ଗୋଟି ସ୍ଲୋଗାନକୁ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କୃତ କରାଯିବ । ପୁରସ୍କାର ବାବଦକୁ ପ୍ରଥମ ୨,୦୦୦/- ଟଙ୍କା, ଦ୍ୱିତୀୟ ୧,୫୦୦/- ଟଙ୍କା ଓ ତୃତୀୟ ୧,୦୦୦/- ଟଙ୍କାର ଅର୍ଥରାଶି ସହିତ ପ୍ରତ୍ୟେକଙ୍କୁ ୧ଟି ଲେଖାଏଁ ହେଲମେଟ୍ ପ୍ରଦାନ କରାଯିବ ଓ ଅଧିକନ୍ତୁ, ଜିଲ୍ଲାର ଶ୍ରେଷ୍ଠ ୩ଟି ସ୍ଲୋଗାନ୍ ରାଜ୍ୟସ୍ତରୀୟ ସ୍ଲୋଗାନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ପଠାଯିବ, ଯାହାକି ପୁରସ୍କାର ଯୋଗ୍ୟ ବିବେଚିତ ହେଲେ ରାଜ୍ୟସ୍ତରରେ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ପ୍ରତିଯୋଗୀମାମାଙ୍କୁ ସ୍ଲୋଗାନ୍ ସହ ନିଜର ଠିକଣା ଓ ମୋବାଇଲ ନମ୍ବର ଲେଖି ଏହି ବାକ୍ସରେ ପକାଇବାକୁ ଅନୁରୋଧ କରାଯାଉଅଛି ।

# ରାଜସ୍ୱ କମିଶନରଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକଲେ କ୍ଷତିଗ୍ରସ୍ତ ଇଟାଭାଟି ମାଲିକ



ନୀଳଗିରି , ୨୯/୧୨ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ଏକ ଚିମିନୀ ଇଟାଭାଟି କରି ପରିବାର ସହିତ କିଛି ଦିନମଜୁରିଆ ମାନଙ୍କ ପେଟକୁ ଦାନା ଯୋଗାଇ ଆସୁଥିବା ଇଟାଭାଟି ମାଲିକଙ୍କୁ ପ୍ରଶାସନ ତରଫରୁ ଏକ ନିର୍ଦ୍ଦିଷ୍ଟ ସମୟରେ ଦେୟ ପୈଠ ନ କରିବା ଏବଂ ଇକୋ ସେନସ୍ୱିଟିଭ୍ ଜୋନରେ ଆସୁଥିବା କାରଣରୁ ନୀଳଗିରି ପ୍ରଶାସନ ଇଟାଭାଟି ଭାଙ୍ଗି ଦେଇଥିଲା। ନୀଳଗିରି ଉପଖଣ୍ଡ ଅଞ୍ଚଳରେ ୨୭ଗୋଟି ବେଆଇନ ଇଟାଭାଟି ରହିଥିବା ବେଳେ ୧୪ଗୋଟି ଇଟାଭାଟି କୁଳଡ଼ିହା ଅଭୟାରଣ୍ୟ (ଇକୋ ସେନସ୍ୱିଟିଭ୍) ଅଞ୍ଚଳରେ ଆସୁଥିବା ଯୋଗୁଁ ସମସ୍ତ ଭାଟି ଗୁଡିକ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ମାମା ଇଟାଭାଟିକୁ ଗତ ୨୦.୫.୨୦୨୩ରିଖ ଭାଙ୍ଗି ଦେଇଥିବା ସ୍ୱତ୍ୱେ ଅନ୍ୟ ସମସ୍ତ ଇଟାଭାଟି ଗୁଡିକ ଚାଲୁ ରହିଛି, ଯାହା ମାମା ଇଟାଭାଟି ମାଲିକ ଶ୍ରୀ ହରିଶ୍ ଚନ୍ଦ୍ର ଜେନା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ପ୍ରଶାସନକୁ ଅବଗତ କରିଛନ୍ତି। ଏନେଇ ଉକ୍ତ ଇଟାଭାଟି ମାଲିକ ଶ୍ରୀ ଜେନା ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏପରିକି ବାଲେଶ୍ୱର ଜିଲ୍ଲାପାଳଙ୍କ ଠାରେ ନୀଳଗିରି ବ୍ଲକ ଯୁଗ୍ମ ଜନଶୁଣାଣୀ ଶିବିରରେ ମଧ୍ୟ ଅବଗତ କରିଥିଲେ। ଖୁଦ୍ ଜିଲ୍ଲାପାଳ ମଧ୍ୟ ଇଟାଭାଟି ଭାଙ୍ଗିବା ବେଆଇନ୍ ବୋଲି ସ୍ୱୀକାର କରିଥିବା ଶ୍ରୀ ଜେନା ହାଇକୋର୍ଟରେ ଆବେଦନ କରିଥିବା ପିଟିସନରେ ସୂଚନା ଦେଇଛନ୍ତି। ଏପରିକି ଜାଣିଶୁଣି କିଛି ଭାଟି ମାଲିକ ତାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଥିବା ବେଳେ ହତ୍ୟା ଧମକ ଦେଇଥିବା କଥା ନୀଳଗିରି ଥାନାରେ ଅଭିଯୋଗ କରାଯାଇଥିଲା। ମାତ୍ର ଏସବୁ ସ୍ୱତ୍ତେ ଇକୋ ସେନସ୍ୱିଟିଭ ଜୋନ ଅଞ୍ଚଳରୁ ବେଆଇନ ଇଟାଭାଟି ଉଚ୍ଛେଦ କରାଯାଇନାହିଁ। ତେଣୁ ରାଜସ୍ୱ କମିଶନରଙ୍କୁ ଚିଠି ଲେଖି ସମସ୍ତ ବେଆଇନ ଇଟାଭାଟି ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଲେଶ୍ୱର ଜିଲ୍ଲାପାଳ ଏବଂ ନୀଳଗିରି ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି ଶ୍ରୀ ଜେନା। ଯଦି ସମସ୍ୟାର ସମାଧାନ ନ କରନ୍ତି ତାହେଲେ ୭୫ଲକ୍ଷ ଟଙ୍କା ଯାହା ଗାଉଁଲି ସୁଧଏବଂ ପରିବାର ସାଙ୍ଗସାଥୀ ମାନଙ୍କ ଠାରୁ ଆଣିଛି ତାହାକୁ ଫେରସ୍ତ କଲେ ଋଣରୁ ମୁକ୍ତି ପାଇବି ବୋଲି ଚିଠି ଲେଖି ଅବଗତ କରିଛନ୍ତି।

## ରାଉତପଡା ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ବସ୍ତା, ୨୯/୧୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ରାଉତପଡା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ସମିତି ସଭାପତି ଦେବାଶିଷ ମହାପାତ୍ର ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଧାନ କିଣାରେ ସ୍ୱଚ୍ଛତା ଓ ନିରପେକ୍ଷତା ସହ ଚାଷୀଙ୍କ ସୁବିଧାକୁ ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯିବ ବୋଲି ସେ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ପୂର୍ବତନ ସମିତି ସଭାପତି ହରେନ୍ଦ୍ର କୁମାର ଦାସ ଯୋଗ ଦେଇଥିଲେ । ଡାଇରେକ୍ଟର ଅଭିମନ୍ୟୁ ବର, ପ୍ରଦୀପ ଦାସ, ନରହରି ଦାସ, ରବୀନ୍ଦ୍ର ମହାନ୍ତି, ସାଦନ ସିଂଙ୍କ ସମେତ ଏସଏନଏମ ରାଇସ ମିଲ ମାଲିକ,ଚାଷୀ କମିଟି ସଦସ୍ୟ, ଚାଷୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୧୭ ଜଣ ଚାଷୀଙ୍କ ଠାରୁ ୪୧ଟନ ଧାନ କ୍ରୟ କରାଯାଇଥିଲା । ସମିତି କର୍ମଚାରୀ ତପନ କୁମାର ଦୀକ୍ଷିତ ଓ ଯତୀନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କେସିପୁର ଫୁଟବଲ କ୍ଲବ ପକ୍ଷରୁ ୧୨ ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବେତନଟୀ, ୨୯/୧୨ (ନି.ପ୍ର): କେସିପୁର ଫୁଟବଲ କ୍ଲବ ପକ୍ଷରୁ ଆୟୋଜିତ ୧୨ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ଆୟୋଜକ କ୍ଲବର ସଭାପତି ବର୍ଣ୍ଣି ସିଂଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବଛାବଛା ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲରେ ରଜାବସାର ମୋହନବାଗାନ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ହାତୀଗଡଟିମ୍ ରନର୍ସଅପ ହୋଇଥିଲା । ଉଦଯାପନୀ ତଥା ପୁରସ୍କାରବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୁବସଂଗଠକ ରାକେଶ ସିଂ, ସ୍ୱତନ୍ତ୍ରଅତିଥି ଭାବରେ ସରୋଜ ଖୁଣ୍ଟିଆ ପ୍ରମୁଖ ମଞ୍ଚାସୀନ ଥିଲେ । ତେବେ ଗ୍ରାମାଞ୍ଚଳରେ ଏଭଳି ଖେଳର ଆୟୋଜନ ଦ୍ୱାରା ଭାଇଚାରା ବୃଦ୍ଧି ପାଉଥବା ବେଳେ ପରୋକ୍ଷରେ କ୍ରୀଡାର ସାମଗ୍ରୀକ ବିକାଶ ମଧ୍ୟ ହୋଇଥାଏ ବୋଲି ମଞ୍ଚାସୀନ ଅତିଥ୍ୟଗଣ ବକ୍ତବ୍ୟ ମାଧ୍ୟମେ ଖେଳାଳୀ ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଟିମକୁ ୨୦ହଜାର ଏବଂ ରନର୍ସଅପ ଟିମକୁ ୧୫ ହଜାର ଟଙ୍କାର ପୁରସ୍କାରରାଶି ଅତିଥ୍ୟଗଣ ପ୍ରଦାନ କରିଥିଲେ । ପରିଚାଳନାରେ ଆୟୋଜକ ଅନୁଷ୍ଠାନର ସମ୍ପାଦକ ତାପସ ମୁର୍ମୁଙ୍କ ସମେତ ବିଶ୍ୱଜିତ ନାଏକ, ଦେବେନ୍ଦ୍ର ସିଂ, ଦାନ୍ଦୁରାମ ବେଶ୍ରା ତଥା ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ହଜାରହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# କୁକୁରଙ୍କ ପାଇଁ ମଶାଣି ତିଆରି କରିବ ବିଏମସି

ଭୁବନେଶ୍ୱର, ୨୯/୧୨ (ନି.ପ୍ର): ବୁଲା ଓ ପୋଷା କୁକୁରଙ୍କ ପାଇଁ ମଶାଣି ତିଆରି କରିବ ବିଏମସି। ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ। ସେ କହିଛନ୍ତି କୁକୁରଙ୍କ ପାଇଁ ମଶାଣି ତିଆରି ଲାଗି ଜାଗା ଚିହ୍ନଟ ହୋଇଛି। ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ। ମଲା କୁକୁର ଆଣିବା ପାଇଁ ୩ଟି ଜୋନରେ ୩ଟି ଗାଡ଼ି ବୁଲିବ । ସେହିପରି କୁକୁର ବନ୍ଧ୍ୟାକରଣ ନେଇ ହାଇକୋର୍ଟରେ ମାମଲା ଅଛି। ହାଇକୋର୍ଟଙ୍କ ରାୟ ଆସିବା ପରେ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷରେ ଆସନ୍ତା ଜାନୁଆରୀ ୭ ତାରିଖ ପରେ ରାସ୍ତାରେ ଗାଇଗୋରୁ ଦେଖିଲେ ବିଏମସି ଉଠାଇନେବ ବୋଲି କହିଛନ୍ତି ମେୟର।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo